# ୩୫ ମୌଜା ଦ୍ୱିତୀୟ ବାଲିଯାତ୍ରା ଉଦ୍‌ଘାଟିତ

କୃଷ୍ଣପ୍ରସାଦ,୧୪।୪(ସମିସ)

ଓଡିଶାର ୨ୟ ବାଲିଯାତ୍ରା ଭାବେ ସୁନାମ ଅର୍ଜନ କରିଥିବା ପଣାଯାତ୍ରା ମହୋତ୍ସବ ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ଦେଉଳପଡା ତିତିପ ଠାରେ ୩୫ ମୌଜା ପରିଚାଳନା କମିଟି ଆନୁକୂଲ୍ୟରେ ଆରମ୍ଭ ହୋଇଛି। ୩୫ ମୌଜାର ମୁଖ୍ୟ ପିଠାଧିଶ ଶ୍ରୀ କମଳେଶ୍ୱର ଦେବଙ୍କ ନେତୃତ୍ୱରେ ବିଭିନ୍ନ ଗ୍ରାମରୁ ୧୭ ଠାକୁର ସୁସଜିତ ମେଢ଼ରେ ଆତସବାଜି ପାଟୁଆରରେ ବାଲିଯାତ୍ରା ପଡିଆରେ ପହଞ୍ଚିଥିଲେ। ନିଜ ନିଜ ଆସନ ଉପରେ ବିରାଜମାନ ପରେ ଶ୍ରଦ୍ଧାଳୁମାନେ ଦର୍ଶନ କରିଛନ୍ତି। ପରିଚାଳନା କମିଟିର ସଭାପତି ଡ଼ଃ ଅଭିମନ୍ୟୁ ଜେନା, ସମ୍ପାଦକ ମନୋଜ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାତ୍ରା ଆରମ୍ଭ ହୋଇଛି। ଏହି ଯାତ୍ରା ୫ ଦିନ ଧରି ଚାଲିବା ଜଣାପଡ଼ିଛି। ପ୍ରତିଦିନ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥାଏ। ଏହି ଯାତ୍ରାରେ ପୁରୀ, ଗଞ୍ଜାମ, ଖୋର୍ଦ୍ଧା, ଗଜପତି, ନୟାଗଡ଼, କଟକ ଜିଲ୍ଲାରୁ ବ୍ୟବସାୟୀ, ଭକ୍ତଙ୍କ ସମାଗମ ହୋଇଥାଏ। ସେବା ଯୋଗାଇଦେବା ପାଇଁ ସ୍ୱାସ୍ଥ୍ୟ ବିଭାଗ, ପୋଲିସ ବିଭାଗ ସଜାଗ ରହିଥାନ୍ତି। ୩୫ ମୌଜା ସଭାପତି ସମ୍ପାଦକ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଂଘର ବରିଷ୍ଠ ସଦସ୍ୟ କୈଳାସ ଚନ୍ଦ୍ର ପଟ୍ଟନାୟକ, ବିଜୟ କୁମାର ପାତ୍ର, ହୃଦାନନ୍ଦ ଜେନା, ପ୍ରବୀଣ କୁମାର ଜେନା, ସୁରେନ୍ଦ୍ର କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପଡ଼ିଆରେ ସିସି କ୍ୟାମେରା ଲଗାଯାଇଥିବା ବେଳେ କୃଷ୍ଣପ୍ରସାଦ ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ମହିଳା ପୁଲିସ ସମେତ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ୭୭ତମ ପଣାଯାତ୍ରା ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ୩୫ ମୌଜା ପରିଚାଳନା କମିଟିର ସଦସ୍ୟଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି।





# ପ୍ରାଚୀ ସାହିତ୍ୟ ସଂସଦ ପକ୍ଷରୁ ବିଷୁବମିଳନ




**ଚାରିଛକ,୧୪।୪(ସମିସ):** ଚାରିଛକ ନିକଟସ୍ଥ ତୁଳସୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାରିଛକ ପ୍ରାଚୀ ସାହିତ୍ୟ ସଂସଦ ତର'ରୁ ବିଷୁବ ମିଳନ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ପ୍ରଫେସର ଗୋପୀନାଥ କରଙ୍କ ଦ୍ୱାରା ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର କ୍ଷୀରୋଦ ଚନ୍ଦ୍ର ରାୟ ମହାପାତ୍ର,ମୁଖ୍ୟବକ୍ତାଭାବେ ଶିକ୍ଷାବିତ୍ ପ୍ରସନ୍ନ କୁମାର ନାୟକ,ସମ୍ମାନିତ ଅତିଥିଭାବେ ଡଃ ସରୋଜ କୁମାର ହାତୀ, ପ୍ରାଧ୍ୟାପକ ଗିରିଜାକାନ୍ତ ଦାଶ,ଅଧ୍ୟାପକ ଡଃ ରବୀନ୍ଦ୍ର ନାଥ ପାଢୀ,ପୂର୍ବତନ ଅଧକ୍ଷ ଡଃ ପ୍ରଭାତ କୁମାର ମିଶ୍ର,ପଣ୍ଡିତ ମୂରଲୀଧର ଭାରତୀ ଗୋସ୍ୱାମୀ,ପୂର୍ବତନ ପ୍ରଧାନଶିକ୍ଷକ ଦ୍ୱିଜବର ମୁଦୁଲି,ପୂର୍ବତନ ବ୍ୟାଙ୍କ ସହ-ଶାଖା ପରଚାଳକ ରବୀନ୍ଦ୍ରନାଥ ଦାଶ,ସମାଜସେବୀ ବନବିହାରୀ ଦାଶ ପ୍ରମୁଖ ଯୋଗଦେଇ ମହା ବିଷୁବ ପଣା ସଂକ୍ରାନ୍ତିର ତାତ୍ପର୍ଯ୍ୟ ସଂପର୍କରେ ବୁଝାଇଥିଲେ। ଏହି ଅବସରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ୨୦ଜଣ କବି ଓ କବୟିତ୍ରୀ ମାନଙ୍କ ଦ୍ୱାରା କବିତା ପାଠୋତ୍ସବ ଅନୁଷ୍ଠିତ କରାଯାଇଥିଲା। ସଂସଦ ତରଫରୁ ବିଭୁତି ଭୂଷଣ ମଲ୍ଲିକ,କାହ୍ନୁ ଚରଣ ବେହେରା,ବ୍ରଜବନ୍ଧୁ କର,ଜଗନ୍ନାଥ ବେହେରା,ରବୀନ୍ଦ୍ରନାଥ ବାହିନୀପତି,ସଂଜୟ କୁମାର ବରାଳ,ରବୀନ୍ଦ୍ର କୁମାର ପ୍ରଧାନ ଆଦିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂସଦର ସଦସ୍ୟ ଅଧକ୍ଷ ନିରୋଦ କୁମାର ତ୍ରିପାଠୀ ପରିଚାଳନା କରିଥିବା ବେଳେ,ପୂର୍ବତନ ପ୍ରାଧ୍ୟାପକ ପଂଚାନନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂପାଦକ ଡଃ ସନ୍ତୋଷ କୁମାର ମିତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ କୋଷାଧକ୍ଷ ଶିକ୍ଷାବିତ୍ କୈଳାଶ ଚନ୍ଦ୍ର ତ୍ରିପାଠୀ ବାର୍ଷିକ ବିବରଣୀ ପଠନ କରିଥିଲେ। ଶେଷରେ ଶିକ୍ଷାବିତ୍ ନୀରଞ୍ଜନ କର ଧନ୍ୟବାଦ ଅର୍ପଣ କରିଥିଲେ। ସମାଜସେବୀ ସବିତା ସିହ୍ନାଙ୍କ ସମେତ ସଂସଦର ସଦସ୍ୟମାନେ ସହଯୋଗ କରିଥିଲେ।

## ମା' ତାରିଣୀଙ୍କ ବାର୍ଷିକ ଉତ୍ସବ

**ଚାରିଛକ/ନୟାହାଟ,୧୪।୪(ସମିସ):** ଚାରିଛକ ନିକଟସ୍ଥ ଛଣିଜଙ୍ଗ ପଞ୍ଚାୟତ ଅଳକୁଣ୍ଡସ୍ଥିତ ଆନନ୍ଦ ବଜାରସ୍ଥିତ ମା' ତାରିଣୀଙ୍କ ପୀଠରେ ମା'ଙ୍କ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ୮ ତାରିଖରୁ ପୂଜାକାର୍ଯ୍ୟ ଆରମ୍ଭ କରାଯାଇ ୧୪ ତାରିଖ ମହାବିଷୁବ ପଣାସଂକ୍ରାନ୍ତିରେ ପୂର୍ଣ୍ଣାହୂତୀ ପରେ ପୂଜାକାର୍ଯ୍ୟ ସମାପନ ହୋଇଛି। ପୂଜାରେ ନବଘନ ନାୟକ ଓ ଆରତି ନାୟକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜା ଆରମ୍ଭରେ ଅଙ୍କୁରାଧିବାସ, ଜଳଯାତ୍ରା, ସୂର୍ଯ୍ୟପୂଜା,ଘଟମଣ୍ଡଳ ସ୍ଥାପନ ପୂଜା, ଅଗ୍ନିସ୍ଥାପନ,ଗୋପୂଜା ଆଦି ପୂଜାକାର୍ଯ୍ୟ ଯଥାରୀତି ଅନୁଯାଇ କରାଯିବା ସହ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ପୀଠରେ ୫ଦିନ ଧରି ପ୍ରବଚକ ସହଦେବ ମିଶ୍ର ଓ ସୁକଦେବ ମହାରଣାଙ୍କ ଦ୍ୱାରା ପ୍ରବଚନ ପ୍ରଦାନ କରାଯାଇଥିଲା। ଆନନ୍ଦ ବଜାର ବ୍ୟବସାୟୀସଂଘ , ତାରିଣୀ ପୂଜାକମିଟିର ସମସ୍ତ ସଦସ୍ୟ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ହନୁମାନ ଜୟନ୍ତୀ, ଓଡ଼ିଆ ନବ ବର୍ଷ ପାଳିତ

**ଅସ୍ତରଙ୍ଗ,୧୪।୪(ସମିସ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ କଣମଣ ଗ୍ରାମ ନଦୀ କୁଳରେଥିବା ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ତଥା ଓଡ଼ିଆ ନବବର୍ଷ ସହ ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇ ଯାଇଛି। ହନୁମାନ ମନ୍ଦିର କମିଟି ତରଫରୁ ପୂଜା ଅର୍ଚ୍ଚନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଯାଇଥିଲା । ବିଦ୍ୱାନ ପଣ୍ଡିତଙ୍କ ଦ୍ୱାରା ହନୁମାନ ମନ୍ଦିର ପୂଜା କରାଯାଇଥିଲା। କାର୍ଯ୍ୟକ୍ରମକୁ ଉଲ୍ଲାସ କୁମାର ନାୟକ,ଦୁଃଶାସନ ନାୟକ,କୁନା ନାୟକ,ମଙ୍ଗୁ ସାହୁ,ହରିହର ବାରିକ,ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଅସ୍ତରଙ୍ଗ ବଜାର ବସଷ୍ଟାଣ୍ଡ ନିକଟରେ ଥିବା ତାରିଣୀ ମନ୍ଦିର ତରଫରୁ ମା'ଙ୍କର ଜନ୍ମ ଉତ୍ସବ ପାଳିତ ହୋଇ ଯାଇଛି। ସେହିପରି ରାମଚନ୍ଦ୍ରପୁର ଗ୍ରାମ ସମେତ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ହନୁମାନ ଜୟନ୍ତୀ ସହ,ଓଡ଼ିଆ ନୂତନ ବର୍ଷ ପାଳିତ ହୋଇଛି।

## ସଦାଦାସ ତୋଟାରେ ପଣାସଂକ୍ରାନ୍ତି

ନିମାପଡା,୧୪।୪(ସମିସ) ଚାରିଛକ ନିକଟସ୍ଥ ମାଧବ ସଦାଦାସ ତୋଟାରେ ପଣା ସଂକ୍ରାନ୍ତୀ ଉତ୍ସବ ପାଳନ ସହ ବାରଗାଦୀ ଠାକୁରଙ୍କ ମିଳନ ଅନୁଷ୍ଠିତ ହୋଇଥିଲା। ଏଥିରେ ଥାନପତି ଭାବେ ମାଧବର ବାସୁଦେବ ଗାଦି ଗୋସେଇଁ ବିରାଜମାନ କରିବାପରେ ଅନ୍ୟ ଠାକୁରଙ୍କ ମ୍ପରେ ତଇଲା, ଜାହାଙ୍ଗୀରପୁର, ବନମାଳୀପୁର(୧) , ବନମାଳୀପୁର(୨) ବାସୁଦେଇପୁର, ପ୍ରଧାନ ସାହି, ନାଗେଶ୍ୱର, ଚନ୍ଦ୍ରମଉଳି, ମଥୁରିଡିହ(୧) , ମଥୁରିଡିହ(୨), ବଳଭଦ୍ରପୁର ଗ୍ରାମର ଠାକୁରମାନେ ସୁସଜିତ ବିମାନରେ ଗାଁ ଗାଁ ବୁଲି ଭୋଗଖାଇ ମେଳନ ପଡିଆରେ ଆସି ବିରାଜମାନ କରିଥାନ୍ତି। ପୂଜକମାନଙ୍କ ଦ୍ୱାରା ଠାକୁରଙ୍କ ପୂଜାର୍ଚ୍ଚନା ପରେ ଠାକୁରଙ୍କ ନିକଟରେ ବାରସ୍କନ୍ଦ ଭାଗବତ ପଢା ହୋଇଥିଲା। ବିଭିନ୍ନ ଅଞ୍ଚଳରୁ ଆସିଥିବା ବ୍ୟବସାୟୀ ମାନଙ୍କ ପକ୍ଷରୁ ତୋଟାରେ ଅନେକ ବ୍ୟବସାୟୀକ ଷ୍ଟଲମାନ ଖୋଲାଯାଇଛି। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସଂନ୍ଧ୍ୟା,ସାହିଯାତ୍ର,ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବ।

## ମଙ୍ଗଳା ସାହିତ୍ୟ ସଂସଦର ବିଷୁବମିଳନ

**ଗମ୍ଭାରୀପଦା/କାକଟପୁର,୧୪।୪(ସମିସ):** କାକଟପୁରର ସର୍ବପ୍ରଥମ ମଙ୍ଗଳା ସାହିତ୍ୟ ସଂସଦ ପକ୍ଷରୁ ପଞ୍ଚଦଶ ବିଷୁବ ମିଳନ ଓ ସାହିତ୍ୟ ଆସରର ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବ ରାମକୃଷ୍ଣ ଶିଶୁ ମନ୍ଦିର ପ୍ରାଙ୍ଗଣରେ କବି ପର୍ଶୁରାମ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବ୍ୟଙ୍ଗକବି ସମ୍ପଦ କୁମାର ରଥ,କବୟତୀ ଦିପ୍ତି କୁମାରୀ ମହାନ୍ତି ଓ ତ୍ରିଲୋଚନ ବିଶ୍ୱାଳ କବିତା ପାଠୋତ୍ସବଟିକୁ ପରିଚାଳନା କରିଥିଲେ। କବି ହୃଦାନନ୍ଦ ଶାସମଲ, ଲଲାଟେନ୍ଦୁ ସ୍ୱାଇଁଙ୍କ ସମେତ ଶତାଧିକ ଲେଖକ/ଲେଖିକା ମାନେ ଅଂଶଗ୍ରହଣ କରି ଓଡ଼ିଆ ନବ ବର୍ଷ, ମହାବିଷୁବ ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତି ଉପଲକ୍ଷେ କବିତାମାନ ପଠନ କରିଥିଲେ। ଦିତୀୟାର୍ଦ୍ଧରେ ସଂସଦର ସ୍ଥାୟୀ ସଭାପତି ସ୍ୱପ୍ନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ମଙ୍ଗଳା ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ତ୍ରିପାଠୀ,ମୁଖ୍ୟବକ୍ତା ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ଟିକାୟତ, ସମ୍ମାନିତ ଅତିଥି ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ମନ୍ଦରଧର ମହାନ୍ତି, ପ୍ରିୟପତ୍ରର ସମ୍ପାଦକ ବିପିନ ଚନ୍ଦ୍ର ଦଳାଇ ପ୍ରମୁଖ ଯୋଗ ଦେଇଥିଲେ।ସଂସଦର ସମ୍ପାଦକ ଦେଶବନ୍ଧୁ ସ୍ୱାଇଁ ବାର୍ଷିକ ବିବରଣୀ ପଠନ କରିଥିଲେ।ମହିମା ଧର୍ମ ସଂପର୍କରେ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ଲିଖନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଶିକ୍ଷାର୍ଥୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ଓଡିଆ ନବବର୍ଷ ଓ ପଣାସଂକ୍ରାନ୍ତି



**କଣାସ,୧୪।୪(ସମିସ):** ସାରା ରାଜ୍ୟରେ ଓଡିଆ ନବ ବର୍ଷ ତଥା ମହାବିଷୁବ ପଣାସଂକ୍ରାନ୍ତି ପାଳିତ ହେଉଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକର ପ୍ରତ୍ୟେକ ଗ୍ରାମର ପ୍ରତି ପରିବାର ମଠ, ମନ୍ଦିରମାନଙ୍କରେ ଓଡିଆ ନବବର୍ଷ ତଥା ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି। ପ୍ରତ୍ୟେକ ଘରେ ଠାକୁରମାନଙ୍କୁ ପୂଜା ଆର୍ଚ୍ଚନା କରାଯିବା ସହ ପଣାଭୋଗ କରାଯାଇଥିଲା। ବିଶେଷ କରି ମହାବୀର ମନ୍ଦିର ତଥା କାତପଡା, ମନ୍ଦାରବସ୍ତ, ତ୍ରିଲୋଚନପୁର, .ନ୍ଦପଡା, ସିରେଇ, କଣାସ, ଦୋକନ୍ଦା, ସାହୁପଡା, କରମଳା ପ୍ରଭୃତି ଗ୍ରାମମାନଙ୍କରେ ପ୍ରବଳ ଭିଡ ଲାଗିରହିଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି ।

● କାକଟପୁର ନିର୍ବାଚନ ମଣ୍ଡଳୀ

# ବିଜେଡି ଜନପ୍ରତିନିଧିଙ୍କ ବନ୍ଧୁମିଳନ



**କାକଟପୁର/ଗମ୍ଭାରୀପଦା/କୁଣ୍ଡେଇ ,୧୪।୪(ସମିସ):** କାକଟପୁର ନିର୍ବାଚନ ମଣ୍ଡଳୀ ବିଜେଡି ଦଳର ପଞ୍ଚାୟତ, ବ୍ଲକ ଓ ଏନ୍‌ଏସି ସ୍ତରୀୟ ବର୍ତ୍ତମାନ ଏବଂ ପୂର୍ବତନ ଜନପ୍ରତିନିଧିଙ୍କ ଏକ ବନ୍ଧୁମିଳନ ପର୍ବ ଦେଉଳୀ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବନ୍ଧୁମିଳନ ପର୍ବରେ ଅସ୍ତରଙ୍ଗ ବ୍ଲକର ଅଧକ୍ଷା ଆରତୀ ନାୟକଙ୍କ ସମେତ ଅସ୍ତରଙ୍ଗ ବ୍ଲକ ୧୫ଟି ପଞ୍ଚାୟତର , କାକଟପୁର ବ୍ଲକର ୧୬ଟି,ଗୋପ ବ୍ଲକର ୧୪ଟି ପଞ୍ଚାୟତ ଓ କୋଣାର୍କ ଏନଏସିର ୧୩ଟି ୱାର୍ଡରୁ ଶତାଧିକ ବର୍ତ୍ତମାନ ଓ ପୂର୍ବତନ ଜନ ପ୍ରତିନିଧିଙ୍କ ସହିତ ଶତାଧିକ ସଂଖ୍ୟାରେ ସାଧାରଣଜନତା ଉପସ୍ଥିତ ରହି ବନ୍ଧୁମିଳନ ପର୍ବ ପାଳନ କରିଥିଲେ। ଓଡ଼ିଆ ନବବର୍ଷରେ ଅନୁଷ୍ଠିତ ବନ୍ଧୁ ମିଳନ ଅବସରରେ ଆଗାମୀ ସାଧାରଣ ନିର୍ବାଚନ ଲାଗି ବିଧାନସଭା ପ୍ରାର୍ଥିତ୍ୱ ସଂପର୍କରେ ଆଲୋଚନା କରିବା ସହ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଅଭିଷିକ୍ତ କରିବା ପାଇଁ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ଆର୍ଶିବାଦ ଭିକ୍ଷା କରିଥିଲେ।

● ଆମ୍ବେଦକର ଜୟନ୍ତୀ

# ସାମାଜିକ ନ୍ୟାୟ ବ୍ୟବସ୍ଥାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ଆମ୍ବେଦକର

**ପୁରୀ,୧୪।୪(ସମିସ):** ସମ୍ବିଧାନ ପ୍ରଣେତା ଭାରତରତ୍ନ ବାବାସାହେବ ଡ. ଭୀମରାଓ ରାମ୍‌ଜୀ ଆମ୍ବେଦକର ସାମାଜିକ ନ୍ୟାୟ ବ୍ୟବସ୍ଥାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ। ସଂଘର୍ଷରୁ କିପରି ଜଣେ ସଫଳ ହୁଏ ଓ ଦେଶର ଗୌରବ ବୃଦ୍ଧିରେ ସହାୟକ ହୁଏ ତାହା ଆମ୍ବେଦକରଙ୍କ ଜୀବନ ଆଦର୍ଶରୁ ସ୍ପଷ୍ଟ ପ୍ରତୀୟମାନ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ରବିବାର ପୂର୍ବାହ୍ନରେ ପୁରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହଠାରେ ଆଦର୍ଶ ଆଚରଣ ବିଧି ଅନୁପାଳନ ପୂର୍ବକ ଜିଲ୍ଲା ପ୍ରଶାସନ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡ. ଆମ୍ବେଦକରଙ୍କ ୧୩୩ ତମ ଜିଲ୍ଲାସ୍ତରୀୟ ଜୟନ୍ତୀ ପାଳିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ସମ୍ବିଧାନ ପ୍ରସ୍ତୁତି ଓ ପ୍ରଣୟନରେ ଡ. ଆମ୍ବେଦକରଙ୍କ ଭୂମିକା ଅବିସ୍ମରଣୀୟ। ସେ ମେଧାବୀ, ପରିଶ୍ରମୀ, ଜାତୀୟତାପ୍ରେମୀ ଓ ସଂସ୍କାରବାଦୀ ଥିଲେ। ସାମାଜିକ ଗଣତନ୍ତ୍ର, ସାମାଜିକ ନ୍ୟାୟ ଓ ଅର୍ଥନୈତିକ ସ୍ଥିରତା ପ୍ରତିଷ୍ଠା କ୍ଷେତ୍ରରେ ବାବାସାହେବଙ୍କ ଅବଦାନ ଆମକୁ ପ୍ରେରଣା ଦେଉଥିବ। ଡ. ଆମ୍ବେଦକରଙ୍କ ଜୀବନୀ, ସେତେବେଳର ସାମାଜିକ ସ୍ଥିତି, ତାଙ୍କ ସଂଗ୍ରାମ, ସମ୍ବିଧାନ ପ୍ରସ୍ତୁତି ଓ ପ୍ରଣୟନରେ ତାଙ୍କର ଅବଦାନ, ଶିକ୍ଷା, ସଂସ୍କାର, ସାମାଜିକ ନ୍ୟାୟ, ସମ୍ପର୍କରେ ସେ ବିସ୍ତୃତ ଆଲୋଚନା କରିଥିଲେ। ଆମ ଦେଶ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର। ଏବେ ତାହାର ମହାପର୍ବ ନିର୍ବାଚନ ଆସୁଛି। ପ୍ରତ୍ୟେକ ଭୋଟର ଗଣତନ୍ତ୍ରକୁ ସୁଦୃଢ ପାଇଁ ନିଶ୍ଚିତ ମତଦାନ କରିବାକୁ ଶ୍ରୀ ବେହେରା ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିମଳା କୁମାରୀ ସେନାପତି ଏଥିରେ ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ, ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଶ୍ରୀଜୀଉଙ୍କ ପ୍ରତିମୂର୍ତ୍ତି ଓ ଡ. ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଶୋଭାମଣୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀରାମ ତାରକ ଓ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି



**ସାକ୍ଷୀଗୋପାଳ,୧୪।୪(ସମିସ):** ସତ୍ୟବାଦୀ ବ୍ଲକ ଛକସ୍ଥିତ ବାଟ ମହାବୀର ମନ୍ଦିରରେ ୩ଦିନ ବ୍ୟାପି .ଲିଥିବା ଶ୍ରୀରାମ ତାରକ ବିଶ୍ୱଶାନ୍ତି ମହାଯଜ୍ଞ ମହାବିଷୁବ ସଂକ୍ରାନ୍ତି ତଥା ମହାବିରାଙ୍କ ଜୟନ୍ତୀ ଅବସରରେ ପୂର୍ଣ୍ଣାହୂତି ହୋଇଛି। ପୁରୀରୁ ପ୍ରତିଦିନ ମହାପ୍ରସାଦ ପ୍ରଭୁ ମହାବୀରଙ୍କ ପାଖରେ ସମର୍ପଣ କରାଯିବା ପରେ ବିଳମ୍ବିତ ରାତିରେ ପହୁଡ ପଡିଥିଲା ବୋଲି ମନ୍ଦିରର ମୁଖ୍ୟ ପୂଜକ ଲକ୍ଷ୍ମୀଧର କର କହିଥିଲେ। ଅନୁଷ୍ଠିତ ଯଜ୍ଞରେ ଶ୍ରୀରାମଙ୍କ ଷୋଡଶପୂଜା, ହନୁମାନଙ୍କ ଷୋଡଶପୂଜା, ରୁଦ୍ରାଭିଷେକ,ଚଣ୍ଡିପାଠ, ହନୁମାନ .ଲିଶା, ସୁନ୍ଦରକାଣ୍ଡ, ବଜରଙ୍ଗ ବାଣପାଠ କରାଯାଇ ଆହୁତି ପ୍ରଦାନ କରାଯାଇଥିଲା । ମନ୍ଦିରର ପୂଜକ ଲକ୍ଷ୍ମୀଧର କର ପୂଜାପାଠ କରିଥିଲେ। ବିଜେଡି ଦଳର ବିଧାନସଭା ପ୍ରାର୍ଥୀ ସଞ୍ଜୟ କୁମାର ଦାସବର୍ମା ମହାବୀରଙ୍କୁ ଦର୍ଶନ କରି ଆର୍ଶିବାଦ କରିଥିଲେ ।ସେହିପରି ନୂଆସୋମେଶ୍ୱରପୁର ସ୍ଥିତ ମା ଢୁବୁରେଇ ଠାକୁରାଣୀଙ୍କ ପୀଠରେ ଶ୍ରୀ ରାମଚରିତ ମାନସ ପାରାୟଣ ଓ ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସାକ୍ଷୀଗୋପାଳର ଅଲଗଡ ମହାବୀର, ମଶାଣିଆ ମହାବୀର, ଜାଗା ମହାବୀର, ସଙ୍କଟ ମୋଚନ ଗଛ ମହାବୀର, ବକୁଳବନ ସ୍ଥିତ ମହାବୀର ଓ ବରାଳ ବାଲୁଙ୍କେଶ୍ୱର ମହାବୀରଙ୍କ ସହିତ ବିଭିନ୍ନ ଗ୍ରାମ ମାନଙ୍କରେ ଥିବା ମହାବୀରଙ୍କ ନିକଟରେ ହନୁମାନ ଜୟନ୍ତୀ ପାଳନ ହୋଇଛି।

## ଠାକୁର ନିଗମାନନ୍ଦଙ୍କ ନୀଳାଚଳ କୁଟୀର ପଦାର୍ପଣ ଶତବାର୍ଷିକୀ ଉତ୍ସବ

ପୁରୀ,୧୪।୪(ସମିସ)



ନୀଳାଚଳ ସାରସ୍ୱତ ଆଶ୍ରମର ପ୍ରାଣ ପ୍ରତିଷ୍ଠାତା ପରମହଂସ ସ୍ୱାମୀ ନିଗମାନନ୍ଦ ସରସ୍ୱତୀଙ୍କ ନୀଳାଚଳ କୁଟୀର ଶୁଭ ପଦାର୍ପଣ ଶତ ବାର୍ଷିକ ଉତ୍ସବ ଦୁଇଦିନ ଧରି ବଗଲା ଧର୍ମଶାଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ୧୯୨୪ ମସିହା ପବିତ୍ର ବିଷୁବ ସଂକ୍ରାନ୍ତି ଏପ୍ରିଲ ମାସ ୧୪ ତାରିଖ ଦିନ ପ୍ରଥମେ ଠାକୁର ନିଗମାନନ୍ଦ ନୀଳାଚଳ କୁଟୀରରେ ପ୍ରବେଶ କରିଥିଲେ। ଏହି ସ୍ମରଣୀୟ ଉତ୍ସବର ଦୁଇଦିନିଆ ଶତବାର୍ଷିକ ସମାରୋହରେ ଶନିବାର ଅଧିବାସ ପୂଜା ଅନୁଷ୍ଠିତ ହୋଇଥିଲା। ରବିବାର ଅନ୍ତିମ ଦିବସରେ ପ୍ରାତଃ ପ୍ରାର୍ଥନା ସଭାରେ ମଙ୍ଗଳ ଆଳତି ଓ ବୈଦିକ ପ୍ରାର୍ଥନା କାର୍ଯ୍ୟକ୍ରମ ପରେ ସ୍ମାରକ ସଭା ଅନୁଷ୍ଠିତ ହୋଇଥିଲା। ସନାତନ ଧର୍ମର ଏହି ମହାନ ଧର୍ମ ସଭାରେ ଆଦର୍ଶ ଦର୍ଶନ ଓ ଆର୍ଯ୍ୟ ଧର୍ମ ଧାରା ଉପରେ ଆଲୋଚନା କରାଯାଇଥିଲା। ଏହି ସଭାରେ ଦିବ୍ୟ ଜୀବନ ସଂଘର ଶ୍ରୀମଦ ସ୍ୱାମୀ ଶିବ ଚିଦାନନ୍ଦ ଭାରେ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଙ୍କ ମହାରାଜ ସଭାପତିତ୍ୱ କରିଥିଲେ। ସଂଘ ସଭାପତି ସନ୍ତୋଷ କୁମାର ମହାନ୍ତି ଉଦ୍‌ବୋଧନୀ ଅଭିଭାଷଣ ଦେବା ସହିତ ସଂଘର ପରିଚାଳକ ଶରତ ଚନ୍ଦ୍ର ସିଂ ଦେଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାରେ ଆସାମ ବଙ୍ଗୀୟ ସାରସ୍ୱତ ମଠର ପ୍ରତିନିଧ ସ୍ୱାମୀ ଅମ୍ଳାନନ୍ଦ ସରସ୍ୱତୀ ମହାରାଜ, ପୁରୀ ଭାଗବତ ଆଶ୍ରମ ଅଧକ୍ଷ ବ୍ରଜ ଦାସ ମହାରାଜ, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ସର୍ବ ଭାରତୀୟ ବୈଦିକ ସଂଗଠନ ଉପସଭାପତି ପ୍ରଫୁଲ୍ଲ କୁମାର ମିଶ୍ର, ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର, ପଣ୍ଡିତ ସୂର୍ଯ୍ୟ ନାରା ରଥଶର୍ମା ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ। ସଂଘ ପକ୍ଷରୁ ସ୍ମରଣିକା ସ୍ମରଣିକା "ଶତାବ୍ଦୀ ସୌରଭ' ଉନ୍ମୋଚନ ହୋଇଥିଲା। ଶେଷରେ ନୀଳାଚଳ ସାରସ୍ୱତ ସଂଘର ସମ୍ପାଦକ ନରେଶ ଚନ୍ଦ୍ର ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଆନ୍ତର୍ଜାତିକ ଜୟ ଜଗନ୍ନାଥ ଦିବସ ପାଳିତ

**ପୁରୀ,୧୪।୪(ସମିସ):** ଅନ୍ତର୍ଜାତୀୟ ଶିକ୍ଷା, ନିଯୁକ୍ତିର ସଶକ୍ତିକରଣ ପରିଷଦ ଇନଷ୍ଟିଚ୍ୟୁଟ ଅଫ୍ ଡିଜିଟାଲ ମିଡ଼ିଆ ଟେକ୍ନୋଲୋଜି ପକ୍ଷରୁ ରବିବାର ଟାଉନ ହଲ୍‌ରେ ଆନ୍ତର୍ଜାତୀୟ ଜୟ ଜଗନ୍ନାଥ ଦିବସ ପାଳିତ ହୋଇଯାଇଛି। ପ୍ରଦୀପ ତ୍ରିପାଠୀ ଓ ପଦ୍ମଲୋଚନ ମହାପାତ୍ର ପ୍ରମୁଖଙ୍କ ପରିଚାଳନାରେ ଅନୁଷ୍ଠିତ ଦାସ, ଗୌରିଶଙ୍କର ସିଂହାରୀ, ହରେକୃଷ୍ଣ ସିଂହାରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଜଗନ୍ନାଥଙ୍କ ମହିମା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଏହି ଉପଲକ୍ଷେ ରାଜ୍ୟ ରେଡ୍‌କ୍ରସ ଓ ଅନୁଷ୍ଠାନର ମିଳିତ ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୩୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।




କାର୍ଯ୍ୟକ୍ରମରେ ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୁରୀ ଲୋକସଭା ବିଜେପି ପ୍ରାର୍ଥୀ ସମ୍ବିତ ପାତ୍ର, ଉମାବଲ୍ଲଭ ରଥ, ଆଦିତ୍ୟ ହୃଦୟ ମିଶ୍ର, ବଦ୍ରି ମିଶ୍ର, ଲଳିତ କୁମାର ସାହୁ, ଜଗବନ୍ଧୁ ମିଶ୍ର, ସୁଶାନ୍ତ ରାଜ୍, ମାୟା ପାଢ଼ୀ, ମଧୁସୂଦନ ମିଶ୍ର, ସରୋଜ ମହାନ୍ତି, ମହନ୍ତ ପର୍ଶୁରାମ ପରେ ପରେ ଚନ୍ଦ୍ରବିଜୟୀ ମିଶ୍ରଙ୍କ ପରିଚାଳନାରେ ପିଲାମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗୀତିକାର ବଦ୍ରି ମିଶ୍ର, ଡକ୍ଟର ଜଗବନ୍ଧୁ ମିଶ୍ର, ମାୟା ପାଢ଼ୀ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଇଞ୍ଜିନିୟର ଅଭିନନ୍ଦନ ଦାସ।

ଚଳଚଞ୍ଚଳ ଜାଗା ଆଖଡ଼ା

# କୁସ୍ତିବିଦ୍ୟା ଶିକ୍ଷା ଆରମ୍ଭ

**ପୁରୀ,୧୪।୪(ସମିସ):** ହନୁମାନ ଜୟନ୍ତୀ ଉପଲକ୍ଷେ ରବିବାର ପୁରୀ ସହରରେ ଜାଗା ଆଖଡାଗୁଡ଼ିକ ଚଳଚଞ୍ଚଳ ହୋଇ ପଡିଥିଲା। ଆଖଡାଗୁଡ଼ିକରେ ହନୁମାନଙ୍କ ପୂଜାର୍ଚ୍ଚନା ହୋଇଥିଲା। ଆଖଡାର ଶିକ୍ଷାର୍ଥୀମାନେ ସମରକଳା ଶିକ୍ଷା ଲାଗି ବ୍ୟବହୃତ ସରଞ୍ଜାମ ଓ ଉପକରଣ ଗୁଡ଼ିକର ପୂଜା କରିଥିଲେ। ଏହାପରେ କେତେକ ଆଖଡା ପରିସରରେ ସାମରିକ କଳାକୌଶଳ ପରିବେଷଣ ହୋଇଥିଲା। ଆଉ କିଛି ଆଖଡା ସାମରିକ କଳାକୌଶଳ ପ୍ରଦର୍ଶନ କରି ବିଭିନ୍ନ ସାହି ପରିକ୍ରମା କରିଥିଲେ।
ଗଣେଶ ଚତୁର୍ଦ୍ଦଶୀ ଏବଂ ବସନ୍ତ ପଞ୍ଚମୀରେ ଶିଶୁମାନେ ଖଡିଛୁଇଁ ବିଦ୍ୟା ଆରମ୍ଭ କରିଥାନ୍ତି। ସେହିଦିନ ଶିଶୁର ବିଦ୍ୟାରମ୍ଭ ସଂସ୍କାର କରାଯାଇଥାଏ। ସେହିପରି ହନୁମାନ ଜୟନ୍ତୀରେ କୁସ୍ତିବିଦ୍ୟା ଶିକ୍ଷା ଆରମ୍ଭ କରିଥାନ୍ତି। ଜଣେ କୁସ୍ତି ଗୁରୁଙ୍କ ସୂଚନା ମୁତାବକ, ପଣା ସଂକ୍ରାନ୍ତିଠାରୁ କୁସ୍ତି କସରତର ପ୍ରାଥମିକ ଶିକ୍ଷା ଦିଆଯାଏ। ଛୋଟ ପିଲାମାନେ ମହାବୀରଙ୍କ ନିକଟରେ ପୂଜାର୍ଚ୍ଚନା କରି କୁସ୍ତିଶିକ୍ଷା ଆରମ୍ଭ କରନ୍ତି। ଗୁରୁ ତାଙ୍କୁ କୁସ୍ତିର ଦାଓ ପେଞ୍ଚ ଶିକ୍ଷା ଦିଅନ୍ତି। କୁସ୍ତି ଶିକ୍ଷା ଆରମ୍ଭ କରିବା ପୂର୍ବରୁ ପ୍ରଥମେ ପିଲାମାନେ ହନୁମାନଙ୍କଠାରେ ସିନ୍ଦୁର ଲାଗି କରନ୍ତି। ଏହାପରେ ଠାକୁର ପାଖରେ କାଛା ପୂଜା କରନ୍ତି। ପୂଜାର୍ଚ୍ଚନା ପରେ କାଛାକୁ ପରିଧାନ କରି ମହାପ୍ରଭୁଙ୍କୁ ସ୍ମରଣ କରି ଶିକ୍ଷା ଆରମ୍ଭ କରିଥାନ୍ତି।



୧୪/୪/୨୦୨୪ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୨୭,୫୩୬/- ସୁନା: ୦୧.୧୦୦ ଗ୍ରାମ୍ ରୁପା: ୦.୦୦୦ ଗ୍ରାମ୍



### ମହାବିଷୁବ ସଂକ୍ରାନ୍ତି, ଚଳଚଞ୍ଚଳ ଶ୍ରୀକ୍ଷେତ୍ର

# ପୂଜା, ପଣାରେ ବିତିଲା ଦିନ

**ପୁରୀ,୧୪।୪(ସମିସ)**

ପବିତ୍ର ମହାବୀର ଜୟନ୍ତୀ ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ରବିବାର ଚଳଚଞ୍ଚଳ ଥିଲା ପୁରୀ ସହର। ହନୁମାନ ଚାଳିଶା ପାଠରେ ଗୁଞ୍ଜରିତ ହୋଇଥିଲା ଶ୍ରୀକ୍ଷେତ୍ର । ସକାଳୁ ସକାଳୁ ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଲମ୍ବାଧାଡି ଲାଗିଥିଲା। ବିଶେଷକରି ଶୈବପୀଠ ଏବଂ ମହାବୀର ପୀଠରେ ଅଧିକ ଗହଳି ହୋଇଥିଲା। କିଏ ଧୂପଦୀପ ଜାଳି ଭଗବାନଙ୍କୁ ଆବାହନ କରିଥିଲେ ତ ଆଉ କେହି ମନ୍ଦିର ବେଢାରେ ବସି ହନୁମାନ ଚାଳିଶା ପାଠ କରୁଥିଲେ। ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଲାଗି ବିଭିନ୍ନ ଅନୁଷ୍ଠାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିଲା। ଏଥିସହ ବିଭିନ୍ନ ସ୍ଥାନରେ ପଣା ପ୍ରସ୍ତୁତ ହୋଇଥିଲା। କଦଳୀ, ନଡ଼ିଆ, କ୍ଷୀର, ଦହି, ଛେନା, ଚିନି ଆଦିରେ ପଣା ପ୍ରସ୍ତୁତ କରାଯାଇ ପଥଚାରୀଙ୍କୁ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ବଣ୍ଟା ଯାଇଥିଲା। କେତେକ ସ୍ଥାନରେ ବେଲ ପଣା ବି ଦିଆଯାଉଥିଲା। ଏକାଧିକ ଅନୁଷ୍ଠାନ ପକ୍ଷରୁ ଜଳଛତ୍ର ମଧ୍ୟ ଶୁଭାରମ୍ଭ କରାଯାଇଥିଲା।

ପୁରୀ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶିରୁଳୀ ମହାବୀର ପୀଠ ବେଶ୍ ଚଳଚଞ୍ଚଳ ହୋଇପଡିଥିଲା। ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା ଏହି ପବିତ୍ର ପୀଠରେ। ଭୋର ଶ୍ରଦ୍ଧାଳୁ ଦର୍ଶନ ପାଇଁ ଧାଡ଼ି ଲଗାଇଥିଲେ। ଦ୍ୱାର ଫିଟିବା ପରେ ପରେ ମଙ୍ଗଳ ଆଳତି, ମଇଲମ, ମାଜଣା ଆଦି ନୀତି ସରି ଠାକୁରଙ୍କ ସୁନାବେଶ ହୋଇଥିଲା। ଭକ୍ତମାନେ ଶାନ୍ତି ଶୃଙ୍ଖଳାରେ ଯାଇ ମହାବୀରଙ୍କ ଦର୍ଶନ କରିଥିଲେ। ଏହି ଅବସରରେ ପୀଠରେ କୁଇଣ୍ଟାଲ କୁଇଣ୍ଟାଲ ଚୁଡ଼ାଘଷା ଯାଇଥିଲା। ଆଖପାଖ ଗାଁର ପ୍ରାୟ ପ୍ରତ୍ୟେକ ପରିବାର ୧୦ରୁ ୧୦ କିଲୋ ଲେଖାଏ ଚୁଡ଼ା ଆଣି ଠାକୁରଙ୍କ ପାଖରେ ଘଷି ଭୋଗ ଲଗାଇଥିଲେ। ଏଥିସହ ମାଟିହାଣ୍ଡିରେ ପଣା (କଦଳୀ, କ୍ଷୀର, ମହୁ, ମରିଚ, ଜୁଆଣି, ଚିନି) କରି ଠାକୁରଙ୍କୁ ସମର୍ପି ଥିଲେ। ସକାଳୁ ରାତି ପର୍ଯ୍ୟନ୍ତ ଚୁଡ଼ାଘଷା ଓ ପଣାଭୋଗ ଚାଲିଥିଲା ।

ପୁରୀର ସିଦ୍ଧମହାବୀରଙ୍କ ପୀଠରେ ମଧ୍ୟ ସକାଳୁ ଭକ୍ତଙ୍କ ଗହଳି ଲାଗିଥିଲା। ମହାବୀରଙ୍କୁ ଦର୍ଶନ ଏବଂ ପୂଜାର୍ଚ୍ଚନା କରିଥିଲେ ହଜାର ହଜାର ଶ୍ରଦ୍ଧାଳୁ। ସେହିପରି ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ନିକଟସ୍ଥ ମହାବୀର, ଚକ୍ରତୀର୍ଥ ରୋଡସ୍ଥିତ ଦରିଆ ମହାବୀର ବଡ଼ଛତା ମହାବୀର, ଶ୍ରୀଜଗନ୍ନାଥ ବଲ୍ଲଭ ମଠସ୍ଥିତ ସୁଗ୍ରୀବ ମହାବୀର, ବାଲିସାହିସ୍ଥିତ ମଶାଣୀ ମହାବୀର, ଦଇତାପଡ଼ା ସାହିସ୍ଥିତ ପୋଖରିଆ ମହାବୀର, ଭିଆଇପି ରୋଡସ୍ଥିତ ସତ୍ୟ ମହାବୀର ମନ୍ଦିରରେ ଭକ୍ତଙ୍କ ଭିଡ଼ ହୋଇଥିଲା। ବିଭିନ୍ନ ଜାଗାରେ ମହାବୀରଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଶ୍ରୀମନ୍ଦିର ପରିସରରେ ଥିବା ହନୁମାନ ମନ୍ଦିରରେ ଭକ୍ତଙ୍କ ଗହଳି ହୋଇଥିଲା। ସିଂହଦ୍ୱାର ଗୁମୁଟରେ ଫତେ ମହାବୀର, ପଶ୍ଚିମ ଦ୍ୱାରରେ ବୀରବିକ୍ରମ ହନୁମାନ ତଥା କାନପତା ହନୁମାନ, ଉତ୍ତର ଦ୍ୱାରରେ ତପସ୍ୱୀ ହନୁମାନ ତଥା ଚାରିଚକ୍ର ହନୁମାନ ପୂଜିତ ହେଉଛନ୍ତି। ଦକ୍ଷିଣ ଦ୍ୱାର ବାହାର ପାର୍ଶ୍ୱରେ ବିରାଟକାୟ ହନୁମାନ ପୂଜା ପାଉଛନ୍ତି। ତାଙ୍କୁ ଖପର ହନୁମାନ ମଧ୍ୟ କେହି କେହି କହିଥାନ୍ତି। ପଣା ସଂକ୍ରାନ୍ତି ଅବସରରେ ଠାକୁରଙ୍କୁ ନାଗା ବେଶରେ ସୁସଜ୍ଜିତ କରାଯାଇଥିଲା।





ଶିରୁଳୀ ମହାବୀର ପୀଠରେ ଭକ୍ତଙ୍କ ଭିଡ଼

**ତୁଳସୀ ଚଉରାରେ ଜଳାଧାର:** ମହାବିଷୁବ ସଂକ୍ରାନ୍ତିଠାରୁ ମା' ବୃନ୍ଦାବତି ତଥା ତୁଳସୀ ଚଉରରେ ଜଳାଧାର ଆରମ୍ଭ ହୋଇଛି। ସୂର୍ଯ୍ୟ ତାପରୁ ତୁଳସୀ ବୃକ୍ଷଙ୍କୁ ଶୀତଳ ସ୍ପର୍ଶ ଦେବା ନିମନ୍ତେ ଏହି ପରମ୍ପରା ପ୍ରଚଳିତ। ନଡ଼ିଆ ଚାଞ୍ଚରେ ତୁଳସୀ ଚଉରା ମୂଳରେ ଛାମୁଡିଆ ପ୍ରସ୍ତୁତ ହୋଇଥାଏ। ସେଥିରେ ବିଭିନ୍ନ ଫଳ (ଆମ୍ବ, ମେହେଙ୍ଗା କୋଳି ଆଦି) ବନ୍ଧା ଯାଇଥାଏ। ଛାମୁଡିଆ ଚାରିପଟେ ଆମ୍ବପତ୍ର ବନ୍ଧା ଯାଏ। ତୁଳସୀ ବୃକ୍ଷ ଉପରେ ଏକ ଶିକାରେ ମାଟିପାତ୍ର ଓହଳା ଯାଇଥାଏ। ମାଟି ପାତ୍ର ତଳ ପାର୍ଶ୍ୱରେ ଛୋଟ ରନ୍ଧ୍ର ରହିଥାଏ। ଏହି ରନ୍ଧ୍ରରେ ଏକ କୁଶ ଦିଆଯାଇଥାଏ। ବୃନ୍ଦାବତିଙ୍କୁ ପୂଜାର୍ଚ୍ଚନା କରି ସେହି ମାଟିପାତ୍ରରେ ଜଳ ପରିପୂର୍ଣ୍ଣ କରାଯାଏ। ସୂର୍ଯ୍ୟ ତାପ ସମୟରେ ଚଉରା ମୂଳ ଛାଇ ହେବା ସହିତ ତୁଳସୀ ବୃକ୍ଷ ଉପରେ ବିନ୍ଦୁ ବିନ୍ଦୁ ଜଳଧାର ପଡିଥାଏ। ତୁଳସୀ ବିଷ୍ଣୁବଲ୍ଲଭା ନାମରେ ପରିଚିତ। ବୃକ୍ଷ ମଧ୍ୟରେ ଶ୍ରେଷ୍ଠ। ଗ୍ରୀଷ୍ମ ପ୍ରବାହ ସମୟରେ ତୁଳସୀଙ୍କୁ ଶୀତଳତା ପ୍ରଦାନ କରିବା ପାଇଁ ଏହି ପରମ୍ପରା ରହିଛି। ଏହା ଏକ ପ୍ରାଚୀନ ପରମ୍ପରା।

## ଓଡ଼ିଆ ନବବର୍ଷ ପାଇଁ ଝଲସୁଛି ଶ୍ରୀମନ୍ଦିର

**ପୁରୀ,୧୪।୪(ସମିସ):** ଓଡ଼ିଆ ନବବର୍ଷ। ଏହି ଦିନଟି ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ବେଶ୍ ଗୁରୁତ୍ୱ ବହନ କରେ। ଏହିଦିନ ଆମର ଓଡ଼ିଆ ପଞ୍ଜିକା ପୂଜା କରାଯାଇ ପ୍ରଚଳିତ ହୁଏ। ଏହିଦିନ ମଧ୍ୟ ହନୁମାନ ଜୟନ୍ତୀ। ତେଣୁ ହନୁମାନ ମନ୍ଦିରରେ ବିଶେଷ ପୂଜା ଆରାଧନା କରାଯାଇଥାଏ। ଗାଁରୁ ନେଇ ସହର ପର୍ଯ୍ୟନ୍ତ ସବୁଠି ଓଡ଼ିଆ ନବବର୍ଷକୁ ନେଇ ସମସ୍ତେ ଉତ୍ସାହିତ ହୋଇଥାନ୍ତି। ପୁରପଲ୍ଲୀରେ ବିଭିନ୍ନ ମେଳା ଲାଗିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥାଏ। ରବିବାର ଐତିହ୍ୟ ସହର ପୁରୀରେ ଓଡ଼ିଆ ନବବର୍ଷ ବେଶ୍ ଧୂମ୍‌ଧାମରେ ପାଳନ କରାଯାଇଛି। ଓଡ଼ିଆ ନବବର୍ଷ ତଥା ପବିତ୍ର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଫୁଲରେ ସଜେଇ ହୋଇଛି ଶ୍ରୀମନ୍ଦିର। ରଙ୍ଗ ବେରଙ୍ଗର ଫୁଲରେ ହୋଇଥିବା ସାଜସଜା ବେଶ୍ ଆକର୍ଷଣୀୟ ଦେଖାଯାଉଛି।



● ପୁଣି ସିଂହଦ୍ୱାରରେ ଆରମ୍ଭ ହେଲା ପ୍ରତିହାରୀ ସେବା

## ଅଣହିନ୍ଦୁଙ୍କ ପ୍ରବେଶ ଉପରେ ଲାଗିବ ରୋକ୍

**ପୁରୀ,୧୪।୪(ସମିସ):** ଶ୍ରୀମନ୍ଦିର ସିଂହଦ୍ୱାରରେ ପୁଣି ଆରମ୍ଭ ହୋଇଛି ପ୍ରତିହାରୀ ସେବା। ରବିବାର ପବିତ୍ର ମହାବିଷୁବ ସଂକ୍ରାନ୍ତିରୁ ପ୍ରତିହାରୀ ସେବକ ଏହି ସେବା ଆରମ୍ଭ କରିଛନ୍ତି। ଏଣିକି ପ୍ରତିହାରୀ ସେବକମାନେ ପାଳି କରି ନିୟମିତ ସିଂହଦ୍ୱାରରେ ମୁତୟନ ରହିବେ। ଫଳରେ ଅଣହିନ୍ଦୁଙ୍କ ପ୍ରବେଶ ମନ୍ଦିର ଉପରେ ରୋକ୍ ଲାଗିବ ବୋଲି ନିଯୋଗ ପକ୍ଷରୁ କୁହାଯାଉଛି। ପୂର୍ବ କାଳରେ ଶ୍ରୀ ଜଗନ୍ନାଥ ଓ ଶ୍ରୀମନ୍ଦିରର ସୁରକ୍ଷା ପାଇଁ ପ୍ରତିହାରୀ ସେବକମାନେ ସୁରକ୍ଷା ଦାୟିତ୍ୱ ନିର୍ବାହ କରୁଥିଲେ। ଶ୍ରୀମନ୍ଦିର ରେକର୍ଡ ଅଫ୍ ରାଇଟ୍‌ରେ ଏହି ସେବା ରହିଥିଲେ ହେଁ କୌଣସି କାରଣରୁ ଦୀର୍ଘବର୍ଷ ହେବ ଏହା ବନ୍ଦ ରହିଥିଲା। ଶ୍ରୀମନ୍ଦିରରେ ଅଣ ହିନ୍ଦୁମାନଙ୍କ ପ୍ରବେଶ ଯୋଗୁ ପ୍ରତିହାରୀ ନିଯୋଗ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଏହି ସେବାର ପୁନଃ ପ୍ରଚଳନ ପାଇଁ ମନ୍ଦିର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନର ଅନୁମତି ପରେ ରବିବାରଠାରୁ ଏହି ସେବା ପୁନଃ ଆରମ୍ଭ ହୋଇଛି। ପ୍ରତିହାରୀ ନିଯୋଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିହାରୀ ସେବକ ଏହି ସେବା କରିବେ। ପରବର୍ତ୍ତୀ ସମୟରେ ପ୍ରଶାସନର ଅନୁମତି ପରେ ଅଧିକ ସେବକ ପର୍ଯ୍ୟାୟ କ୍ରମେ ନିୟୋଜିତ ହେବେ।

## ପ୍ରଚାର ଆରମ୍ଭ କଲେ ଜୟନ୍ତ

**ପୁରୀ,୧୪।୪(ସମିସ):** ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସହ ଆଶୀର୍ବାଦ ନେଇ ରବିବାରଠାରୁ ବିଧିବଦ୍ଧ ଭାବେ ପ୍ରଚାର ଆରମ୍ଭ କରିଛନ୍ତି ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେପି ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ। ତାଙ୍କ ସହିତ ପୁରୀ ଲୋକସଭା ବିଜେପି ପ୍ରାର୍ଥୀ ସମ୍ବିତ ପାତ୍ର ମଧ୍ୟ ମହାପ୍ରଭୁଙ୍କ ଦର୍ଶନ କରି ପ୍ରଚାରରେ ସାମିଲ ଥିଲେ। ଏହି ଅବସରରେ ଜୟନ୍ତ କହିଛନ୍ତି, ଆଜି ଭଳି ପବିତ୍ର ଦିନରେ ମହାପ୍ରଭୁଙ୍କ ଦର୍ଶନ କରି ଦିବ୍ୟ ଅନୁଭୂତି ପାଇଛି। ମହାପ୍ରଭୁ ଚାହିଁଲେ ଅସମ୍ଭବ କାର୍ଯ୍ୟ ମଧ୍ୟ ସମ୍ଭବ ହୋଇଥାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସବ୍ କା ସାଥ୍, ସବ୍ କା ବିକାଶ ବାର୍ତ୍ତା ସହ ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ସେ ପୁରୀ ପୌରପାଳିକା ଅନ୍ତର୍ଗତ ୩୨ଟି ୱାର୍ଡ ଓ ପୁରୀ ସଦର ଅନ୍ତର୍ଗତ ୨୨ଟି ପଞ୍ଚାୟତର ପ୍ରତି ଭୋଟରଙ୍କ ପାଖରେ ପହଞ୍ଚିବେ। ଗତ ୫ ବର୍ଷ ମଧ୍ୟରେ ସେ କରିଥିବା ସମସ୍ତ ବିକାଶ ଓ ଉନ୍ନତିମୂଳକ କାର୍ଯ୍ୟର ରିପୋର୍ଟ କାର୍ଡ ଲୋକଙ୍କ ପାଖରେ ରଖିବେ। ଭୋଟରଙ୍କ ଆଶୀର୍ବାଦ ପାଇଲେ ବାକି ରହିଯାଇଥିବା କାର୍ଯ୍ୟ ସମ୍ପୂର୍ଣ୍ଣ କରିବେ ବୋଲି କହିଛନ୍ତି।

## ତୀର୍ଥ ପୁଷ୍କରିଣୀ ଆଳତିର ବାର୍ଷିକ ଉତ୍ସବ

**ପୁରୀ,୧୪।୪(ସମିସ):** "ସାହିଭାଇ' ଅନୁଷ୍ଠାନ ପକ୍ଷରୁ ରବିବାର ପବିତ୍ର ପଣା ସଂକ୍ରାନ୍ତିରେ ତୀର୍ଥ ପୁଷ୍କରିଣୀ ଆଳତିର ପଞ୍ଚମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ କୂଳରେ ଲକ୍ଷ୍ମୀଧର ପଣ୍ଡାଙ୍କ ଦ୍ୱାରା ସନ୍ଧ୍ୟା ୬ରୁ ପୂଜା ଆରମ୍ଭ ହୋଇ ସାଢେ ୬ଟାରେ ଆଳତି ଉଠିଥିଲା। ଅନୁଷ୍ଠାନ ର କାର୍ଯ୍ୟକାରୀ ସଭାପତି ବ୍ରଜବନ୍ଧୁ ମହାରଣାଙ୍କ କହିବା ଅନୁଯାୟୀ ଶ୍ରୀକ୍ଷେତ୍ରର ତୀର୍ଥ ପୁଷ୍କରିଣୀକୁ ସ୍ୱଚ୍ଛ କରିବା ସହିତ ଆଳତି କାର୍ଯ୍ୟକ୍ରମ ପ୍ରତି ମାସରେ ହେଉଛି। ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ଶ୍ୱେତଗଙ୍ଗା ଓ ସଂକ୍ରାନ୍ତିରେ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ଆଳତି ହେଉଥିବା ବେଳେ ପଣା ସଂକ୍ରାନ୍ତିରେ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଏଥିରେ ଅନୁଷ୍ଠାନର ସମ୍ପାଦକ ଚନ୍ଦ୍ରଶେଖର ମିଶ୍ରଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ।

## ମା' ବନଦୁର୍ଗାଙ୍କ ପୀଠରେ ମହୋତ୍ସବ



**ନିମାପଡା,୧୪।୪(ସମିସ):** ପୁରୀ ଜିଲ୍ଲା ନିମାପଡା ବ୍ଲକ ନାଗବସ୍ତ ଗ୍ରାମର ମାଳିକା ବର୍ଣ୍ଣିତ ମା ବନଦୁର୍ଗାଙ୍କ ଶକ୍ତି ପୀଠରେ ଆଜି ଠାରୁ ଆରମ୍ଭ ହୋଇଛି ମହୋତ୍ସବ। ପୀଠରେ ଏହି ମହୋତ୍ସବ ୬ ଦିନଧରି ଚାଲିବ। ଶନିବାର ସଂଧାରେ ୧୦୮ ଜଣ ମହିଳା ଏବଂ ପୁରୁଷ ନୂତନ ବସ୍ତ୍ର ପରିଧାନ କରି ଏକ ଶୋଭଯାତ୍ରାରେ ନିକଟସ୍ଥ ଧନୁଆଁ ନଦୀରୁ କଳସ ଆଣି ପୀଠରେ ପହଂଚିଥିଲେ। ମା'ଙ୍କ ପୀଠରେ ପୂଜକଙ୍କ ଦ୍ୱାରା ସ୍ୱତନ୍ତ୍ର ରୀତିନୀତି ଅନୁଯାଇ ପୂଜାର୍ଚ୍ଚନା ସହ କଳସ ପ୍ରତିଷ୍ଠା କରାଯାଇଥିଲା। ମା' ବନଦୁର୍ଗାଙ୍କ ଏହି ମହୋତ୍ସବ ଦେଖିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁଙ୍କ ଭିଡ ଜମିବାରେ ଲାଗିଛି । ପ୍ରତ୍ୟେକ ମଙ୍ଗଳବାର ଓ ଶନିବାର ମା' ବନଦୁର୍ଗାଙ୍କ ପୂଜାର୍ଚ୍ଚନା ସରିବା ପରେ ମା' ବନଦୁର୍ଗାଙ୍କ କାଳିସୀ ହୁକୁମ ପ୍ରଦାନ କରିଥାନ୍ତି। ପୀଠରେ ୬ ଦିନ ବ୍ୟାପି ଝାମୁଯାତ୍ରା,ଲୋକ କଳାକୃତି,ପ୍ରସିଦ୍ଧ ଛଉନୃତ୍ୟ,ଶାରଳା ଘଣ୍ଟ ନୃତ୍ୟ,ରାମଲୀଳା,ସିନେ ତାରକାଙ୍କ କଳାକୃତି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପୀଠ ପକ୍ଷରୁ ସୂଚନା ମିଳିଛି ।

**ଶ୍ରୀମନ୍ଦିର ପାରମ୍ପରିକ ମହୋତ୍ସବ**

## ସାହିଯାତରେ କମ୍ପିଲା ସିଂହଦ୍ୱାର

**ପୁରୀ,୧୪।୪(ସମିସ)**

ଏମାର ମଠ ଚକଡ଼ାରେ ଅନୁଷ୍ଠିତ ହୋଇଛି ୫୪ତମ ଶ୍ରୀମନ୍ଦିର ପାରମ୍ପରିକ ମହୋତ୍ସବ ଓ ହନୁମାନ ଜୟନ୍ତୀ। ଏହାକୁ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମହନ୍ତ ରାମକୃଷ୍ଣ ଦାସ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ବିଶ୍ୱନାଥ ସାମନ୍ତରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସନ୍ଥ ବ୍ରହ୍ମାନନ୍ଦ ସରସ୍ୱତୀ, ମହନ୍ତ ରାମଚରଣ ଦାସ, ମହନ୍ତ ନାରାୟଣ ରାମାନୁଜ ଦାସ, ଅଧିବକ୍ତା ପୂର୍ଣ୍ଣଚନ୍ଦ୍ର ଦାସ, ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର ମାଧବ ମହାପାତ୍ର, ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ଭଗବାନ ସୁଆର, ମାଧବ ପୂଜାପଣ୍ଡା ସାମନ୍ତ, ଦୁର୍ଗାପ୍ରସାଦ ଦାସ ମହାପାତ୍ର, ଗବେଷକ ଡ. ଭାସ୍କର ମିଶ୍ର ମହୋତ୍ସବର ଇତିହାସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପରେ ପରେ ନବପ୍ରତିଭା ପକ୍ଷରୁ ଗୁରୁ ଅଶୋକ ଦାସଙ୍କ ନିର୍ଦ୍ଦେଶନାରେ ଆହେ ନୀଳଶୈଳ ଓ ମାହାରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆଠସାହି ଆଖଡାର ମୁଖିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ପରେ ହିଞ୍ଜିଳ ଜାଗା ସମେତ ଆଠସାହି ଜାଗା ଆଖଡ଼ା ତରଫରୁ ଶିଳ୍ପୀମାନେ ରାବଣ, ମେଢ଼, ନାଗା ସହ ପାରମ୍ପରିକ ସାହିଯାତ ପରିବେଷଣ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଶ୍ରୀନିବାସ ଆଚାର୍ଯ୍ୟ, ବଦ୍ରି ମିଶ୍ର ଓ ଶ୍ୟାମପ୍ରକାଶ ସେନାପତିଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ ପ୍ରସନ୍ନ ନାୟକ, ଅମିତ୍ ଦାସ ମହାପାତ୍ର, ଶ୍ୟାମସୁନ୍ଦର ମହାପାତ୍ର, ଗଣେଷ ମହାସୁଆର, ରବିନାରାୟଣ ମହାନ୍ତି, ଶରତ ପାତ୍ର, ବିଜୟ ପଣ୍ଡା, ସନ୍ତୋଷ ପାତ୍ର, ବ୍ରଜରାଜ ସେନାପତି, ରବିନାରାୟଣ ପୂଜାପଣ୍ଡା, ଗୋବିନ୍ଦଦାସ ଘୋଷ, ଶିବପ୍ରସାଦ ରଥ, ସୁରେନ୍ଦ୍ର ନାୟକ, ବାବୁଲି ପଣ୍ଡା, ଶାଶ୍ୱତ ତ୍ରିପାଠୀ, ବୈଦ୍ୟନାଥ ମହାପାତ୍ର, ଲାଲମୋହରିଆ ଭୂବନ ମହାପାତ୍ର, ରାଜକିଶୋର ମିଶ୍ର ରବିନାରାୟଣ ସୁଆର ପ୍ରମୁଖ।





## ଶ୍ରୀମନ୍ଦିରରେ ଚୈତ୍ର ଗୁଣ୍ଡିଚା

**ପୁରୀ,୧୪।୪(ସମିସ):** ଶ୍ରୀମନ୍ଦିରରେ ରବିବାର ଅନୁଷ୍ଠିତ ହୋଇଯାଇଛି ଚୈତ୍ର ଗୁଣ୍ଡିଚା। ଚୈତ୍ରମାସ ଶୁକ୍ଳ ପକ୍ଷ ଷଷ୍ଠୀ ତିଥିରେ ପ୍ରତ୍ୟୁଷରୁ ମଙ୍ଗଳା ଆଳତି, ମଇଲମ, ସ୍ନାନ, ବେଶ ଅନୁଷ୍ଠିତ ହେବା ପରେ ବଲ୍ଲଭ ଭୋଗ ହୋଇଥିଲା। ପରେ ସୂର୍ଯ୍ୟ ମନ୍ଦିରରୁ ସୂର୍ଯ୍ୟଦେବ ଏକ ସ୍ୱତନ୍ତ୍ର ରଥରେ ବସି ଭିତର ବେଢା ପରିକ୍ରମା କରିଥିଲେ। ଏହି ରଥକୁ ଶ୍ରଦ୍ଧାଳୁମାନେ ଟାଣି ଟାଣି ଶ୍ରୀମନ୍ଦିର ଭିତର ବେଢ଼ାରେ ସାତ ଘେରା ବୁଲାଇଥିଲେ। ଶ୍ରୀମନ୍ଦିରରେ ସନ୍ଧ୍ୟା ଧୂପ ନୀତି ବଢିବା ପରେ ସୂର୍ଯ୍ୟ ମନ୍ଦିରରେ ସୂର୍ଯ୍ୟଦେବଙ୍କୁ ପଞ୍ଚାମୃତରେ ମହାସ୍ନାନ ପରେ ବେଶ କରାଯାଇଥିଲା। ଏହାପରେ ଖିରି, କାକରା ଏବଂ ଲଡ୍ଡୁ ପଞ୍ଚୋପଚାରରେ ସୂର୍ଯ୍ୟଦେବଙ୍କୁ ଭୋଗ ଲାଗି କରାଯାଇ ଚୈତ୍ର ଗୁଣ୍ଡିଚା ପର୍ବ ସମ୍ପନ୍ନ କରାଯାଇଥିଲା।




### ଖୋର୍ଦ୍ଧା-ବଲାଙ୍ଗିର ଏନ୍‌ଏଚ ବଡପଣ୍ଡୁସର ମାଙ୍କପଲ୍ଲୀ ବାଇପାସ

# ମନ୍ଥର ଗତିରେ ଚାଲିଛି ନିର୍ମାଣ



ନୟାଗଡ଼, ୧୪।୪(ସମିସ): ନୟାଗଡ଼ ଜିଲ୍ଲା ଦେଇ ଖୋର୍ଦ୍ଧା ବଲାଙ୍ଗିର ଜାତୀୟ ରାଜପଥ ଅତିକ୍ରମ କରିଛି। ନୟାଗଡ଼ ସହର ଦେଇ ଯାଇଥିବା ଜାତୀୟ ରାଜପଥ ଉପରେ ଭାରିଯାନ ଚଳାଚଳ ଏବଂ ଟ୍ରାଫିକ ସମସ୍ୟାକୁ ଏଡାଇବା ପାଇଁ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଏକ ବାଇପାସ ନିର୍ମାଣ କରିବା ପାଇଁ ପରିକଳ୍ପନା କରାଯାଇଥିଲା। ଏଥିପାଇଁ ଜାତୀୟ ରାଜପଥ ଅର୍ଥ ମଞ୍ଜୁର କରି କାମ ଆରମ୍ଭ ହୋଇଛି। ଜମି ଅଧିଗ୍ରହଣ ଶେଷ ହେବା ପରେ ରାସ୍ତା କାମ ତ୍ୱରାନ୍ୱିତ ହେବା ବଦଳରେ ମନ୍ଥର ଗତିରେ ଚାଲିଛି। ଅନେକ ସ୍ଥାନରେ ବ୍ରିଜ ନିର୍ମାଣ କାମ ଅଧାପନ୍ତରିଆ ଅବସ୍ଥାରେ ରହିଛି। ବାଇପାସ ନିର୍ମାଣ ଜମି ଅଧିଗ୍ରହଣ ପାଇଁ ଜାତୀୟ ରାଜପଥ ମନ୍ତ୍ରାଳୟ ୧୩୪ କୋଟି ମଞ୍ଜୁର କରିଥିଲା। ଏହା ପରେ ନିର୍ମାଣ କାମ ପାଇଁ ଶହେ କୋଟି ଟଙ୍କାରୁ ଅଧିକ ମଞ୍ଜୁର କରିଛି। ଶିବମ୍ କୋମଦେଭ୍ ପ୍ରାଇଭେଟ୍ ଲିମିଟେଡ୍ ନିର୍ମାଣ ଦାୟିତ୍ୱ ପାଇଥିବା ବେଳେ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ନବଘନପୁର ଗ୍ରାମ ନିକଟରେ ହେଉଥିବା ବ୍ରିଜ କାମ ଅଧପନ୍ତରିଆ ହୋଇପଡ଼ି ରହିଥିବା ବେଳେ ହାଉସିଂ ବୋର୍ଡ ନିକଟରେ ଅଳ୍ପ କିଛି ରାସ୍ତା ପିଚୁ ପଡ଼ିଛି। ମାଟି ପଡ଼ିବା କାମ ୭୦ ପ୍ରତିଶତ ବାକି ରହିଥିବା ବେଳେ ନିର୍ମାଣ କାର୍ଯ୍ୟ କେବେ ସରିବ ତାକୁ ନେଇ ଆଶା ଓ ଆଶଙ୍କା ସୃଷ୍ଟି ହୋଇଛି। ଏହି ରାସ୍ତା ବଡପଣ୍ଡୁସରଠାରୁ ବାହାରି ବିଭିନ୍ନ ଗ୍ରାମ ଦେଇ ମାଙ୍କପଲ୍ଲୀ ନିକଟରେ ପୁଣିଥରେ ୫୭ ନଂ ଜାତୀୟରାଜପଥକୁ ଛୁଇଁବ। ଯାହା ଫଳରେ ଅନେକ ଗାଡି ନୟାଗଡ଼ ସହର ମଧ୍ୟରେ ପ୍ରବେଶ ନକରି ଏହି ରାସ୍ତା ଦେଇ ବାହାରିବ ବୋଲି ଆକଳନ କରାଯାଇଛି। ୨୧ଟି ଗ୍ରାମ ଦେଇ ରାସ୍ତା ନିର୍ମାଣ ହେଉଥିବା ବେଳେ ଏହାର କାର୍ଯ୍ୟକୁ ଲକ୍ଷ କଲେ ୨୦୨୭ ମସିହା ପୂର୍ବରୁ ସରିବାର ସମ୍ଭାବନା ନାହିଁ ବୋଲି ମତ ପ୍ରକାଶ ପାଉଛି। ନୟାଗଡ଼ ଜାତୀୟ ରାଜପଥ ବିଭାଗ କାର୍ଯ୍ୟାଳୟରେ ଏସଡିଓ ଓ ଯନ୍ତ୍ରୀଙ୍କୁ ଦେଖିବାକୁ ମିଳୁନଥିବା ବେଳେ କିଭଳି କାର୍ଯ୍ୟ ଚାଲୁଛି, ତାହାର ମଧ୍ୟ ତଦାରଖ ହେଉନାହିଁ। ହାଉସିଂବୋର୍ଡ ନିକଟରେ ପକା ଯାଇଥିବା ପିଚୁ କାର୍ଯ୍ୟକୁ ଲକ୍ଷ କଲେ ତାହା ଅତ୍ୟନ୍ତ ନିମ୍ନମାନର ବୋଲି ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ଏହାର ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ମା’ ଦକ୍ଷିଣକାଳୀଙ୍କ ପଣାଯାତ୍ରା ଆରମ୍ଭ

ନୟାଗଡ଼, ୧୪।୪(ସମିସ): ରବିବାର ମହାବିଷୁବ ସଂକ୍ରାନ୍ତି ପାଇଁ ସବୁଠି ଚାଲିଛି ପୂଜାର୍ଚ୍ଚନା ଆଉ ପଣାର ଆସର। ନୟାଗଡ଼ର ଆରାଧ୍ୟ ଦେବୀ ମା’ ଦକ୍ଷିଣକାଳୀଙ୍କ ପଣା ଯାତ୍ରା ଆରମ୍ଭ ହୋଇଥିବା ବେଳେ ଯାତ୍ରା ପାଇଁ ମନ୍ଦିରକୁ ସୁନ୍ଦର ଭାବେ ସାଜସଜ୍ଜା କରାଯାଇଛି। ଅନେକ ଫୁଲରେ ମନ୍ଦିରର ମୁଖ୍ୟଦ୍ୱାରା ସଜ୍ଜିତ କରାଯାଇଛି। ଏଥିସହ ମୁଖ୍ୟ ରାସ୍ତାର ସିଂହଦ୍ୱାର ଠାରୁ ମନ୍ଦିର ପର୍ଯ୍ୟନ୍ତ ବିଭିନ୍ନ ଆଲୋକମାଳାରେ ସଜା ଯାଇଛି। ମହାବିଷୁବ ସଂକ୍ରାନ୍ତି ତଥା ପଣା ସଂକ୍ରାନ୍ତି ଦକ୍ଷିଣକାଳୀଙ୍କ ମୁଖ୍ୟ ପର୍ବ ହୋଇଥିବା ବେଳେ ସବୁ ବର୍ଷ ଭଳି ଚଳିତ ବର୍ଷ ପାଇଁ ପଣାଯାତ୍ରାରେ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମାନସିକ ବାଣ ଫୁଟାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଯାତ୍ରା ପାଇଁ ଦକ୍ଷିଣକାଳୀ ପଡ଼ିଆରେ ବିଭିନ୍ନ ଷ୍ଟଲ୍ ପଡ଼ିବା ସହ ରାସ୍ତାକଡ଼ରେ ମଧ୍ୟ ଅନେକ ଷ୍ଟଲ୍ ପଡ଼ିଛି। ଓଡ଼ିଶାର ସମସ୍ତ ପ୍ରସିଦ୍ଧ ଦେବୀ ପୀଠ ମଧ୍ୟରୁ ନୟାଗଡ଼ ପୁରୁଣାସହରର ମା’ ଦକ୍ଷିଣକାଳୀଙ୍କ ପୀଠ ଅନ୍ୟତମ। ଏହି ପୀଠରେ ବାରମାସରେ ତେର ପର୍ବ ପାଳନ ହୋଇଥାଏ। ପ୍ରତ୍ୟେକ ପଣାସଂକ୍ରାନ୍ତିରେ ଏଠାରେ ଏକ ବଡ ମେଳା ଅନୁଷ୍ଠିତ ହୋଇଥାଏ। ଯେଉଁ ମେଳାରେ ମାନସିକଧାରି ବ୍ୟକ୍ତି ମାନେ ଗଛ ବାଣ ଲଗାଇଥାନ୍ତି। ତେବେ ଏହି ଯାତ୍ରା ପାଇଁ ଅପେରା, ପାଲା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ରବିବାର ମାଆଙ୍କ ଯାତ୍ରା ଆରମ୍ଭ ହୋଇଥିବା ବେଳେ ଦୈନିକ ନୀତିକାନ୍ତି ଓ ସେବା ଅନୁଷ୍ଠିତ ହୋଇଛି। ସାଢ଼େ ୩ଟାରୁ ମନ୍ଦିର ଖୋଲାଯାଇଥିବା ବେଳେ ସକାଳ ଆଳତୀ କରାଯାଇଥିଲା। ସନ୍ଧ୍ୟାରେ ଆଳତୀ କରାଯାଇ ଟେରା, ସରପୁଲି ଦୁଇ ଗିନା, ବୁନ୍ଦିଆ ଚାରି ଠୋଲା, ଏକ ଗ୍ଲାସ ଛେନାପଣା ଓ ଦୁଇଟି ମୁଆଁ ପୂଜା କରାଯାଇଛି। ରାତି ୧୦ଟାରେ ବଡସିଂହାର ଭୋଗରେ ଖୁରୁମା ଆଠ ଗୋଟା, କାକରା ଚାରିଗୋଟା, ଗୋପାଳ ଚାରିଗଣ୍ଡା, କଦମ୍ବା ଆଠ ଗୋଟା ପୂଜା କରାଯାଇଥିବା ମୁଖ୍ୟ ପୂଜକ ଭବାନୀ ଶଙ୍କର ଶତପଥୀ ସୂଚନା ଦେଇଛନ୍ତି। ପୂର୍ବରୁ ପଣାଯାତ୍ରା



୫ଦିନ ଧରି ପାଳନ ହେଉଥିବା ବେଳେ ଚଳିତ ବର୍ଷ ପଣାଯାତ୍ରା ୧୪ରୁ ଆରମ୍ଭ ହୋଇ ୨୦ପର୍ଯ୍ୟନ୍ତ ୭ ଦିନ ଧରି ପାଳନ ହେବ ବୋଲି ମନ୍ଦିର କମିଟି ସୂଚନା ଦେଇଛି। ପଣାସଂକ୍ରାନ୍ତି ଅପରାହ୍ନରେ ଭକ୍ତଙ୍କ ପାଇଁ ମନ୍ଦିର ତରଫରୁ ପଣା ବଣ୍ଟନ କରାଯାଇଥିବା ମନ୍ଦିର ପରିଚାଳନା କମିଟି ସଦସ୍ୟ କିଶାନ୍ ଦାଶ ସୂଚନା ଦେଇଛନ୍ତି।

### ● ବିଶିଷ୍ଟ ରାଜନେତା, ସାହିତ୍ୟିକ ବଂଶୀଧରଙ୍କ ସ୍ମୃତିଚାରଣ

## ବିଷୁବ ମିଳନ ଓ କବିତା ପାଠୋତ୍ସବ



ନୟାଗଡ଼, ୧୪।୪(ସମିସ): ବଂଶୀଧର ଇଣ୍ଟର୍ ନାସନାଲ ଫାଉଣ୍ଡେସନ ଫର୍ ପିସ୍ ଆଣ୍ଡ ଡେଭଲପ୍ ମେଣ୍ଟ ଆନୁକୂଲ୍ୟରେ ବିଷୁବମିଳନ ଓ ରାଜ୍ୟସ୍ତରୀୟ ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ମନୋଜ କୁମାର ସାହୁ ଓ ସମ୍ପାଦକ ଉମେଶ ଚନ୍ଦ୍ର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବଂଶୀଧର ମହାବିଦ୍ୟାଳୟ ପରିସରରେ ଶ୍ରୀ ହନୁମାନ ଜୟନ୍ତୀ, ଆମ୍ବେଦକର ଜୟନ୍ତୀ ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ମହାଡମ୍ବର ସହକାରେ ପାଳନ ହୋଇ ଯାଇଛି। ୫୦ ଜଣ କବିକବୟିତ୍ରୀ ଯୋଗ ଦାନ କରି ସ୍ୱରଚିତ କବିତା ପାଠ କରିଥିଲେ। ସଭାମୁଖ୍ୟ ବିଦ୍ୟୁଲତା ସାହୁ, ମୁଖ୍ୟଅତିଥି ଗୋଦାବରୀଶ ମିଶ୍ର, ମୁଖ୍ୟ ବକ୍ତା ଗୋଦାବରୀ ବସନ୍ତିଆ, ସମ୍ମାନିତ ଅତିଥି ଭାବେ ଡ. ସୁକାନ୍ତି ମହାନ୍ତି ଓ ଡ.ନିର୍ମଳ ଚନ୍ଦ୍ର ଶୂରଦେଓ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସଯୋଜନା ଦାୟିତ୍ୱରେ ଅଧ୍ୟାପିତା ନିଳିମାନନ୍ଦ ଓ ଶିକ୍ଷୟିତ୍ରୀ ହରପ୍ରିୟା ଦ୍ୱିବେଦୀ ରହିଥିଲେ। ଓଡ଼ିଶାର ସୁନାମଧନ୍ୟ ଗାଳ୍ପିକ, ସ୍ତମ୍ଭକାର ତଥା ବିଶିଷ୍ଟ ସାହିତ୍ୟିକ ଲଳିତ ମୋହନ ମିଶ୍ରଙ୍କୁ ସମ୍ବର୍ଦ୍ଧନା କରାଯାଥିଲା। ସମ୍ପାଦକ ଉମେଶ ଚନ୍ଦ୍ର ପଟ୍ଟନାୟକ ସଭା ପରିଚାଳନା କରିବା ସଙ୍ଗେ ସଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ ଓ ସଭା ସାଙ୍ଗ କରାଯାଇଥିଲା।

## ଆମ୍ବେଦକରଙ୍କ ଜୟନ୍ତୀ ପାଳିତ




ନୟାଗଡ଼, ୧୪।୪(ସମିସ): ନୟାଗଡ଼ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଡ. ଭୀମ ରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ନୟାଗଡ଼ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ଯୋଗ ଦେଇଥିଲେ। ଆମ୍ବେଦକରଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ସାମାଜିକ ନ୍ୟାୟ ବ୍ୟବସ୍ଥା ପାଇଁ ଅନେକ ସଂଘର୍ଷ କରିଥିଲେ ଆମ୍ବେଦକର। ଅସ୍ପୃଶ୍ୟତା ଦୂର କରିବା ପାଇଁ ତାଙ୍କ ସଂଗ୍ରାମ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉପଜିଲ୍ଲାପାଳ କହିଥିଲେ। କାର୍ଯ୍ୟକ୍ରମରେ ଓଡ଼ଗାଁ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ମହମ୍ମଦ ଓମାର ମଲ୍ଲିକ, ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ, ଲୋକନାଥ ମିଶ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

## ମା’ ବିରଜାଇ ଦେବୀଙ୍କ ପୀଠରେ ଘୃତ ଯଜ୍ଞ



ଶରଣକୁଳ, ୧୪।୪(ସମିସ): ଶରଣକୁଳ ଦକ୍ଷିଣାର୍ଦ୍ଧ ସୁଆରସାହି ଠାରେ ପ୍ରତିଷ୍ଠିତ ମା’ ବିରଜାଇ ଦେବୀଙ୍କ ପୀଠରେ ମହାବିଷୁବ ପଣାଯାତ୍ରା ପାଳିତ ହୋଇଯାଇଛି। ରବିବାର ସକାଳେ ବେଦଜ୍ଞ ବ୍ରାହ୍ମଣ ତୋଷବନ୍ତ କରଙ୍କ ଦ୍ୱାରା ନିକଟସ୍ଥ କୁସୁମୀ ନଦୀରୁ ଗ୍ରାମର ମହିଳା ଓ ପୁରୁଷ ମିଶି ୧୦୮ କଳସ ଜଳ ଏକ ଶୋଭାଯାତ୍ରାରେ ଆଣି ମା ଙ୍କ ପୀଠରେ ପହଞ୍ଚିଥିଲେ। ପୂଜାର୍ଚ୍ଚନା କରାଯାଇ ଯଜ୍ଞରେ ଅଗ୍ନି ସ୍ଥାପନ ପୂର୍ବକ ସମସ୍ତ ଦେବାଦେବୀଙ୍କୁ ଘୃତାକ୍ଷହୁତି ପ୍ରଦାନ କରାଯାଇ ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟ ସମାପନ ହୋଇଥିଲା। କର୍ତ୍ତା ପ୍ରଶାନ୍ତ କୁମାର ମିଶ୍ର ସମେତ କୈଳାସ ମହାପାତ୍ର, ପ୍ରଭାତ କୁମାର ମହାପାତ୍ର, ପ୍ରଭାତ କୁମାର ବଡପଣ୍ଡା, ଶ୍ରୀଧର ମହାପାତ୍ର ପ୍ରମୁଖ ବ୍ରାହ୍ମଣ ମାନେ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ଗ୍ରାମ ସଭାପତି ମଦନ ସାହୁ, ସମ୍ପାଦକ କାଳୁ ଦାଶ ଓ କୋଷାଧ୍ୟକ୍ଷ କୈଳାସ ଗାଆଣଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ସୁଆରସାହିର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ତିରିଶ ଗ୍ରାମରେ ଝାମୁଯାତ୍ରା ଆୟୋଜିତ



ଭାପୁର, ୧୪।୪((ସମିସ) ନୟାଗଡ଼ ଓ ଗଞ୍ଜାମ ଜିଲ୍ଲାରେ ଦଣ୍ଡନାଚ ଓ ଝାମୁଯାତ୍ରା ମୁଖ୍ୟତଃ ପାଳନ ହୋଇଥାଏ। ମୀନ ସଂକ୍ରାନ୍ତି ପରେ ଚୈତ୍ର ମାସରୁ ଆରମ୍ଭ ହୋଇ ପଣା ସଂକ୍ରାନ୍ତିରେ ଝାମୁଯାତ୍ରା ସମାପ୍ତ ହୋଇଥାଏ। ଏ ଉପଲକ୍ଷେ ଅନେକ ସ୍ଥାନରେ ଅରଟି ବୁଲା ଓ ଡହଡହ ନିଆରେ ଝାମୁ ଚାଲିଥାନ୍ତି ଦଣ୍ଡୁଆ ଓ କାଳିସୀମାନେ। ଭାପୁର ବ୍ଲକର ଭାପୁର, ମାନପୁର, ଫତେଗଡ଼, ମଣିପୁର, କରବର, ଝଗଡ଼ପଡ଼ା, ରାକମା, ଶାଳଝରିଆ, ମାଳିବେରେଣୀ, ବାରବାଟୀ, ଛେଳିଆ, ତରବାଲୋ, ସୁନାଖଳା, ମାଧପୁର, ଯଶୋବନ୍ତପୁର, ବାଉଁଶବାଟି, ପଥରଚକଡା, ଟିକିରିପଡ଼ା ଆଦି ଗ୍ରାମ ସହ ତିରିଶ ଗ୍ରାମରେ ଝାମୁ ଯାତ୍ରା ଆୟୋଜିତ ହୋଇଥାଏ। କେତେକ ସ୍ଥାନରେ ଦିନ ଦ୍ୱିପ୍ରହରରେ ଝାମୁ ଯାତ୍ରା ଆୟୋଜିତ ହେଉଥିବା ବେଳେ କେତେକ ଗ୍ରାମରେ ରାତିରେ ଆୟୋଜିତ ହୋଇଥାଏ।

## ବ୍ରାହ୍ମଣୀ ଦେବୀଙ୍କ ପୀଠରେ ବିଶ୍ୱଶାନ୍ତି ଶକ୍ତିଯଜ୍ଞ



ଓଡଗାଁ, ୧୪।୪(ସମିସ): ଚୈତ୍ର ଶୁକ୍ଳ ଷଷ୍ଠୀ ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ରବିବାର ଦିନ କୁରାଳ ଗ୍ରାମ ବିରାଜିତା ମା’ ବ୍ରାହ୍ମଣୀଦେବୀଙ୍କ ପୀଠରେ ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ଶକ୍ତି ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରେ ମା’ଙ୍କର ମହାସ୍ନାନାଦି କର୍ମ ଅନୁଷ୍ଠିତ ହେବା ପରେ ମାନସିକଧାରୀଙ୍କ ଦ୍ୱାରା ନିକଟସ୍ଥ କୁସୁମୀ ନଦୀରୁ ୧୦୮ ଜଳକଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ଘୃତ ଯଜ୍ଞ ଅନୁଷ୍ଠିତ ହୋଇ ଯଜ୍ଞ ନାରାୟଣଙ୍କୁ ଆରତୀ ଓ ପୁଷ୍ପାଞ୍ଜଳି ପ୍ରଦାନ କରାଯିବା ସହିତ ପୂର୍ଣ୍ଣାହୂତି କାର୍ଯ୍ୟସମାପନ ହୋଇଥିଲା। ବୈଦିକ ବ୍ରାହ୍ମଣ ପଣ୍ଡିତ କୃଷ୍ଣଚନ୍ଦ୍ର ତ୍ରିପାଠୀ ଓ ଶକ୍ତିପ୍ରସାଦ ମହାପାତ୍ରଙ୍କ ମନ୍ତ୍ର ଉଚ୍ଚାରଣ ମା’ଙ୍କ ପୀଠ ଆଧ୍ୟାତ୍ମିକ ମୁଖର ହୋଇଉଠିଥିଲା। ଏହି ଅବସରରେ ମା’ଙ୍କ ପୀଠରେ ଶହ ଶହ ଭକ୍ତଙ୍କ ସମାଗମ ଦେଖାଯାଇଥିଲା। ଯଜ୍ଞରେ ସୁକାନ୍ତ ସ୍ୱାଇଁ ଓ ରୁବିନା ସ୍ୱାଇଁ କର୍ତ୍ତା ରୁପେ ଦାୟିତ୍ୱ ନିଭାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସହ ପର୍ଯ୍ୟବେକ୍ଷକ ଇରାନୀ ରାୟ, ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ସମବାୟ ସମିତି ସଭାପତି ବିଭୁପ୍ରସାଦ ସାହୁ, ସରପଞ୍ଚ ବିଜନ ପାଇକରାୟ, ଯୁବ ସଂଗଠକ ଶିବଶଙ୍କର ମହାନ୍ତି, ପ୍ରଭାତ ପ୍ରଧାନ, ପ୍ରଶାନ୍ତ ପାତ୍ର, ରଶ୍ମିରଞ୍ଜନ ଦାଶ ଓ ରମେଶ ନାୟକଙ୍କ ସମେତ ବହୁ ଶ୍ରଦ୍ଧାଳୁ ଯୋଗ ଦେଇ ମା’ଙ୍କର କୃପା ଲାଭ କରିଥିଲେ।

## ଝାମୁଯାତ୍ରା ଓ ହନୁମାନ ଜୟନ୍ତୀ



ଖଣ୍ଡପଡ଼ା, ୧୪।୪(ସମିସ): ପବିତ୍ର ପଣାସଙ୍କ୍ରାନ୍ତି ଉପଲକ୍ଷେ ବ୍ଲକ ଅଧୀନ ବନମାଳିପୁର ପଞ୍ଚାୟତର ବନସନ୍ତପୁର ଓ ରାମଚନ୍ଦ୍ରପୁର, କଣ୍ଟିଲୋ, ଢୋଲମରା, କୁମ୍ଭାରପଡ଼ା, ବୋଦସା, କାହୁଆ, ପାଟଣା, ସିଧାମୂଳା, ଖଳିସାହି ଆଦି ଗ୍ରାମରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯାତ୍ରା ପାଇଁ ବିଭିନ୍ନ ସ୍ଥାନରେ ୨୧ହାତ, ୫୧ହାତ, ୧୨୦ହାତ ବିଶିଷ୍ଟ ନିଆଁର ଲମ୍ବ ଗାତ ପ୍ରସ୍ତୁତ ହୋଇଥିବାବେଳେ ମା’ଙ୍କ ପାରମ୍ପରିକ ରୀତିନୀତି ସମ୍ପନ୍ନ ପରେ ମାନସିକଧାରୀ ପାଟୁଆ ମାନେ ନିଆଁରେ ପ୍ରବେଶ କରିଥିଲେ। ଅନ୍ୟପକ୍ଷରେ ବ୍ଲକ ଅଧୀନ ବୋଦସା ଗ୍ରାମରେ ଦୀର୍ଘବର୍ଷ ଧରି ଅନୁଷ୍ଠିତ ହେଉଥିବା ପ୍ରସିଦ୍ଧ ଅରଟି ଉତ୍ସବକୁ ଦେଖିବାକୁ ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସେହିପରି ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ଗିରି ହନୁମାନଙ୍କ ପୀଠରେ ତିନିଦିନ ଧରି ପଞ୍ଚକୁଣ୍ଡିୟ ଯଜ୍ଞ ଅନୁଷ୍ଠିତ ହେବା ସହ ରବିବାର ଅପରାହ୍ନରେ ପୂର୍ଣ୍ଣାହୂତି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସହ ପ୍ରସାଦ ସେବନ ବ୍ୟବସ୍ଥା ମଧ୍ୟ ହୋଇଥିଲା। ବ୍ଲକ ଅଧୀନ ବିଭିନ୍ନ ଗ୍ରାମବାସୀଙ୍କ ପକ୍ଷରୁ ପଣାସଂକ୍ରାନ୍ତି ଉପଲକ୍ଷେ ଦହିପଣା ଏବଂ ଜଳଛତ୍ର ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥିଲା।

## ଆଧ୍ୟାତ୍ମିକ ଚେତନା ମୁକ୍ତିର ପଥ ଦେଖାଇଥାଏ

ବେଗୁନିଆ, ୧୪।୪(ସମିସ): ବେଗୁନିଆ ସଦର ମହକୁମାସ୍ଥିତ ଦୁର୍ଗା ମଣ୍ଡପ ସ୍ଥିତ ଯାତ୍ରା ପଡ଼ିଆରେ ମା’କଳିକା ଦେବୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶ୍ରୀ ଜଗନ୍ନାଥ ମହୋତ୍ସବ ଉଦଯାପିତ ହୋଇଛି। ଏଥିରେ ଗ୍ରାମ୍ୟ କମିଟି ସଭାପତି ଲାଲା ଦିଲୀପ ରାୟଙ୍କ ଅଧ୍ୟକ୍ଷତାରେ ବିଜେଡ଼ି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, କ୍ୟାପଟେନ ମନ୍ମଥ ରାଉତରାୟ ମୁଖ୍ୟବକ୍ତା,



ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସ୍ଥାନୀୟ ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ ଓ ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂହ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆଧ୍ୟାତ୍ମିକ ଚେତନା ମୁକ୍ତିର ପଥ ଦେଖାଇଥାଏ ବୋଲି ଅତିଥି ମତ ପ୍ରକାଶ କରିଥିଲେ। ସଭାର ପ୍ରାରମ୍ଭରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଭଜନ ଓ ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା।

### ● ଗରିବଙ୍କ ଉପରେ ମହଙ୍ଗା ମାଡ଼

## ସବୁଜ ପନିପରିବା ଦର ଉଚ୍ଚା

ନୟାଗଡ଼, ୧୪।୪(ସମିସ): ଗରୀବଙ୍କ ଉପରେ ମହଙ୍ଗା ମାଡ କମିବାର ନାହିଁ। ଗତ ଏକ ଦଶନ୍ଧି ଧରି ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଦରବୃଦ୍ଧି ଖାଉଟିଙ୍କୁ ଅସ୍ତବ୍ୟସ୍ତ କରୁଥିବା ବେଳେ ସବୁଜ ପନିପରିବା ସହ ଆଳୁ ଦରବୃଦ୍ଧି ଏବେ ଚିନ୍ତାର କାରଣ ହୋଇଛି। ନୟାଗଡ଼ ସହରରେ ବାଇଗଣ କେଜି୪୦ରୁ ୫୦ ଟଙ୍କା ବିକ୍ରି ହେଉଥିବା ବେଳେ ଫୁଲ କୋବି ୪୦ ଟଙ୍କା, ବନ୍ଧାକୋବି କେଜି ୩୦ ଟଙ୍କା, ଜହ୍ନିକେଜି ୪୦ଟଙ୍କା, ଭେଣ୍ଡି କେଜି ୩୦ ଟଙ୍କା ବିକ୍ରି ହେଉଛି। ନୟାଗଡ଼ ସହରରେ ଆଳୁ ଦରବୃଦ୍ଧି ଚିନ୍ତାର କାରଣ ସାଜିଛି। ଆଳୁ କେଜିକୁ ୩୦ ଟଙ୍କା ବିକ୍ରି ହେଉଛି। ଗରୀବ ଲୋକଙ୍କ ପାଇଁ ଆଳ ଅତ୍ୟନ୍ତ ଦରକାର ପରିବା ଭାବେ ପରିଚିତ ହୋଇଥିବା ବେଳେ ହଠାତ୍ ଦରବୃଦ୍ଧି ଘଟିବା ଚିନ୍ତାର କାରଣ ପାଲଟିଛି।

### ନୀଳକଣ୍ଠପ୍ରସାଦ ମଇଁଷିବିନ୍ଧା ରାସ୍ତା ଶୋଚନୀୟ

# ରକ୍ଷଣାବେକ୍ଷଣ ନାହିଁ; ହନ୍ତସନ୍ତ ୪ ପଞ୍ଚାୟତବାସୀ

ଖଣ୍ଡପଡ଼ା, ୧୪।୪(ସମିସ): ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ ପଞ୍ଚାୟତ ନୀଳକଣ୍ଠପ୍ରସାଦଠାରୁ ରୟତ ଢୋଲମରା ପଞ୍ଚାୟତ ଅଧିନ ମଇଁଷିବିନ୍ଧା ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହାକୁ ନେଇ ଜନଅସନ୍ତୋଷ ତୀବ୍ର ହୋଇଛି। ଅନ୍ୟପକ୍ଷରେ ଦୀର୍ଘଦିନ ଧରି ଦାବି ସତ୍ୱେ ଉକ୍ତ ରାସ୍ତାର ମରାମତି ଦିଗରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉନଥିବା ଅଭିଯୋଗ ମଧ୍ୟ ହୋଇଛି। ବେଣାଗାଡିଆ କୁଆଁରିଆ ସେତୁ ନିକଟରେ ପୂର୍ତ୍ତବିଭାଗ ରାସ୍ତାଠାରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଅଧୀନରେ ୪ ପଞ୍ଚାୟତକୁ ସଂଯୋଗ କରୁଛି ଗ୍ରାମ୍ୟ ଉନ୍ନୟନ ବିଭାଗର ଉକ୍ତ ପିଚୁ ରାସ୍ତା। ଗଡ଼ିଆସାହି, କିଆଝର, ରୟତ ଢୋଲମରାର ଆଦିବାସୀ ଅଧୂଷିତ ଗ୍ରାମ ସହ ବେଣାଗାଡିଆ ପଞ୍ଚାୟତର ଶତାଧିକ ଲୋକଙ୍କ ପାଇଁ ଉକ୍ତ ରାସ୍ତା ଜୀବନରେଖା କହିଲେ ଅତ୍ୟୁକ୍ତି ହେବ ନାହିଁ। ମାତ୍ର ଏହି ରାସ୍ତା ସଂଲଗ୍ନ



ଏକାଧିକ ସ୍ଥାନରେ ପିଚୁ ଉଠିବା ସହ ଖାଲଖମା ଏବେ ଅଞ୍ଚଳବାସୀଙ୍କ ପାଇଁ ବିପଦ ସୃଷ୍ଟି କରିଛି। ପ୍ରତିବର୍ଷ ଉକ୍ତ ରାସ୍ତାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ତାଳିପକା କାମ ଯୋଗୁଁ ଯାତାୟତରେ ନାନା ସମସ୍ୟା ଭୋଗୁଛନ୍ତି ଅଞ୍ଚଳବାସୀ। ଅନ୍ୟପକ୍ଷରେ ରାସ୍ତା ଦେଇ ପଡୁଥିବା ଏକାଧିକ ଗାଁରେ କଂକ୍ରିଟ ରାସ୍ତା ନିର୍ମାଣ ହୋଇଥିଲେ ହେଁ ଦୀର୍ଘବର୍ଷ ବିତିଥିବାରୁ ଶୋଚନୀୟ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ବିଶେଷକରି ନୀଳକଣ୍ଠପ୍ରସାଦଠାରୁ କୋଦୁଆଁପଲ୍ଲୀ ପର୍ଯ୍ୟନ୍ତ ପ୍ରାୟ ୪ କିମିରୁ ଊର୍ଦ୍ଧ୍ୱ ରାସ୍ତା ମରଣଯନ୍ତା ପାଲଟିଥିବା ନେଇ ଅଭିଯୋଗ କରନ୍ତି ସ୍ଥାନୀୟ ବାସିନ୍ଦା। ଉକ୍ତ ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ପ୍ରତିବର୍ଷ ଯଥେଷ୍ଟ ଅନୁଦାନ ରାଶି ଆସୁଥିଲେ ମଧ୍ୟ ରାସ୍ତା ଅବସ୍ଥାରେ ବିଶେଷ କିଛି ପରିବର୍ତ୍ତନ ହେଉନଥିବା କିଆଝର ସରପଞ୍ଚ ଦୀପାଞ୍ଜଳି ମହାନ୍ତି, ଗଡ଼ିଆସାହି ସରପଞ୍ଚ ପ୍ରତିମା ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଜନପ୍ରତିନିଧିଙ୍କ ସମେତ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

● ଖୋର୍ଦ୍ଧା ସାହିତ୍ୟ ସମାଜ ପକ୍ଷରୁ ବିଷୁବ ମିଳନ

## ଭାଷାର ସମୃଦ୍ଧି ପାଇଁ ମାନସିକତାରେ ପରିବର୍ତ୍ତନ ଜରୁରୀ



**ଖୋର୍ଦ୍ଧା, ୧୪ା୪(ସମିସ):** ଗୋଟେ ପାଖେ ଈଶ୍ୱର, ଆଉ ଗୋଟେ ପାଖେ ମଣିଷ। ଜୀବନ ଏକ ଖେଳ। ସାହିତ୍ୟ ବି ସେଇ ରକମର ଗୋଟେ ଖେଳ। ମନ ଓ ବିବେକ, ବାସ୍ତବତା ଓ କଳ୍ପନାକୁ ଗତିଶୀଳ କରାଏ ସାହିତ୍ୟିକ। ତେଣୁ ସେ ଦ୍ୱିତୀୟ ଈଶ୍ୱର ବୋଲାଏ। ଖୋର୍ଦ୍ଧା ଜିଲ୍ଲା ସାହିତ୍ୟ ସମାଜ ପକ୍ଷରୁ ସ୍ଥାନୀୟ ଗୀତାଭବନ ପରିସରରେ ଅନୁଷ୍ଠିତ ଓଡ଼ିଆ ନବବର୍ଷ ଓ ବିଷୁବମିଳନ ଉତ୍ସବକୁ ଉଦ୍‌ଘାଟନ କରିବା ଅବସରରେ ଏଭଳି ମତ ପୋଷଣ କରିଛନ୍ତି ଅଧାପିକା ମହାଶ୍ୱେତା ସାହୁ। ଏଥିସହିତ ସାହିତ୍ୟରେ ସମାଜର ଆତ୍ମା ଥାଏ। ତେଣୁ ଆଜିର ସାହିତ୍ୟ ସମାଜ ଉପଯୋଗୀ ହେବା ସହ ଭବିଷ୍ୟତର ସମାଜକୁ ସମୃଦ୍ଧ କରିବା ପାଇଁ ପ୍ରେରଣାର ମାଇଲ୍ ଖୁଣ୍ଟ ବୋଲି ମତବ୍ୟକ୍ତ କରିଥିଲେ।

ଖୋର୍ଦ୍ଧା ଜିଲ୍ଲା ସାହିତ୍ୟ ସମାଜର ସଭାପତି ତଥା ବରିଷ୍ଠ କଥାଶିଳ୍ପୀ ଡ଼.ସୁରେଶ ଛୋଟରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତାଭାବେ ପ୍ରାଧ୍ୟାପକ ବୈରାଗୀ ପଟ୍ଟନାୟକ ଯୋଗଦେଇ ସାହିତ୍ୟ ଦେଇଛି ବଞ୍ଚିବାର ରାହା। ସମାଜକୁ ସୁଖ ବାଣ୍ଟି ପାରିଲେ, ତାହା ହିଁ ପ୍ରକୃତ ସାହିତ୍ୟ ବୋଲି ଆଖ୍ୟା ଦିଆଯାଏ। ମାଆ, ମାଟି ଓ ମାତୃଭାଷାକୁ ପ୍ରାଣ ଭରି ଭଲ ପାଇବା ଆବଶ୍ୟକ। ଏଥିପ୍ରତି ସମସ୍ତଙ୍କର ଗୁରୁ ଦାୟିତ୍ୱ ରହିଛି ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ କଥାଶିଳ୍ପୀ ଡ଼.ପଦ୍ମଜ ପାଲ, ସମ୍ମାନିତ ଅତିଥିଭାବେ ପ୍ରଫେସର ପ୍ରଫୁଲ୍ଲ ସୁବୁଦ୍ଧି ଯୋଗଦେଇଥିଲେ।

ଏହି ଅବସରରେ ବିଶିଷ୍ଟ କଥାଶିଳ୍ପୀ ଅଧାପିକା ମହାଶ୍ୱେତା ସାହୁଙ୍କୁ ଖୋର୍ଦ୍ଧା ବିଷୁବ ସମ୍ମାନ-୨୦୨୪ ଓ ବରିଷ୍ଠ କବି ପୂର୍ଣ୍ଣ ଦାସଙ୍କୁ ପ୍ରଥମ ଯମେଶ୍ୱର କହଲସିଂହ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଖୋର୍ଦ୍ଧା ଜିଲ୍ଲା ସାହିତ୍ୟ ସମାଜର ସମ୍ପାଦକ ଜ୍ଞାନ ରଞ୍ଜନ ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସାମାଜିକ କର୍ମୀ ମିହିର ବିଧାର ଅତିଥି ପରିଚୟ ଦେଇଥିଲେ। ପ୍ରଥମ ଅଧିବେଶନରେ କବି ସମରଜିତ୍ ପଟ୍ଟନାୟକଙ୍କ ପୌରୋହିତ୍ୟରେ, ବୈକୁଣ୍ଠନାଥ ରାଜଗୁରୁ, କବି ଗୋବିନ୍ଦ ଚନ୍ଦ୍ର ମହାରଣା, ଗୋପୀନାଥ ଦାଶ, କବୀ କମଳିନୀ ମଲ୍ଲିକ ଓ କବୀ ସରୋଜିନୀ ଜେନାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଦିବଙ୍ଗତ ବିଶିଷ୍ଟ ସାହିତ୍ୟିକ ଯମେଶ୍ୱର କହଲସିଂହଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ତ୍ରିଲୋଚନ ଦାସ ଓ ବିକ୍ରମ କେଶରୀ ଚମ୍ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଖୋର୍ଦ୍ଧା ଜିଲ୍ଲା ସାହିତ୍ୟ ସମାଜର ସହସମ୍ପାଦକ ନିଶିକାନ୍ତ କହଲସିଂହ ଧନ୍ୟବାଦ ଦେଇଥିଲେ।

## ହନୁମାନ ଚାଳିଶା ପାଠ, ପଣା ପିଆରେ କଟିଲା ଦିନ





**ଖୋର୍ଦ୍ଧା, ୧୪ା୪(ସମିସ)**

ପବିତ୍ର ମହାବୀର ଜୟନ୍ତୀ ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ରବିବାର ଚଳଚଞ୍ଚଳ ଥିଲା ଖୋର୍ଦ୍ଧା ସହର ଓ ଏହାର ଉପକଣ୍ଠ। ହନୁମାନ ଚାଳିଶା ପାଠରେ ଗୁଞ୍ଜରିତ ହୋଇଥିଲା ପୁରା ଜିଲ୍ଲା। ସକାଳୁ ଦେବାଦେବୀଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଲମ୍ବା ଲାଇନ ଦେଖାଯାଇଥିଲା। ବିଶେଷ କରି ଶୈବପୀଠ ଓ ମହାବୀର ପୀଠରେ ଅଧିକ ଗହଳୀ ଲାଗିଥିଲା। କିଏ ଧୂପ ଦୀପ ଜାଳି ଭଗବାନଙ୍କୁ ଆରାଧନା କରିଥିଲେ ତ ଆଉ କିଏ ମନ୍ଦିର ବେଢ଼ାରେ ବସି ହନୁମାନଚାଳିଶା ଓ ଜଣାଣ ପାଠ କରିଥିଲେ। ପବିତ୍ର ମହାବୀର ଜୟନ୍ତୀ ଅବସରରେ ଖୋର୍ଦ୍ଧାରେ ସୃଷ୍ଟି ହୋଇଥିଲା ଆଧାତ୍ମିକ ପରିବେଶ। ଘରେ ଘରେ ଭଳିକି ଭଳି ପିଠାପଣା ସହ କେତେକ ମନ୍ଦିରରେ ମାଗଣା ପ୍ରସାଦ ଓ ପଣା ବଣ୍ଟନ କରାଯାଇଥିଲା। ଦିନ ଯାକ ଅସହ୍ୟ ଗୁଳୁଗୁଳି ଓ ତାତି ସତ୍ତ୍ୱେ ବାହାରକୁ ଗୋଡ କାଢି ବିଭିନ୍ନ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ। ଏଥିସହ ପଣା ପିଇ ପ୍ରଚଣ୍ଡ ରୌଦ୍ରତାପରୁ ଆଶ୍ୱସ୍ତି ଅନୁଭବ କରିଥିଲେ।

### ▶ ଚାରିଆଡ଼େ ପଣାର ପସରା

ବିଷୁବ ତଥା ପଣା ସଂକ୍ରାନ୍ତି ପାଇଁ ଖୋର୍ଦ୍ଧା ସହର ଏବଂ ଉପକଣ୍ଠରେ ପଣା ପଶରା ଖୋଲିଥିବା ଦେଖାଯାଇଥିଲା। ବିଭିନ୍ନ ମନ୍ଦିର, ପୀଠ, ଆଶ୍ରମ ସମେତ କେତେକ ଅନୁଷ୍ଠାନ ପକ୍ଷରୁ ଆଜି ପଣା ବଣ୍ଟନ କରାଯାଇଛି। ଖୋର୍ଦ୍ଧା ସହରର ଗଡ଼ଖୋର୍ଦ୍ଧା, ମୁକୁନ୍ଦପ୍ରସାଦ, ଶ୍ରୀରାମନଗର, ଜରିପୁଟ, ଦଳେଇପୁଟ ପ୍ରଭୃତି ସ୍ଥାନରେ ମନ୍ଦିର ଓ ପୀଠରେ ଶ୍ରଦ୍ଧାଳୁଙ୍କୁ ପଣା ବଣ୍ଟନ କରାଯାଉଥିବା ବେଳେ ସ୍ଥାନୀୟ ଗୀତାଭବନଠାରେ ଖୋର୍ଦ୍ଧା ଜିଲ୍ଲା ସାହିତ୍ୟ ସମାଜ ପକ୍ଷରୁ ପଣା ବଣ୍ଟନ କରାଯାଇଛି।

### ▶ ତୁଳସୀ ଚଉଁରାରେ ଜଳଧାର

ମହାବିଷୁବ ସଂକ୍ରାନ୍ତି ଠାରୁ ବୃନ୍ଦାବତୀ ତଥା ତୁଳସୀ ଚଉରାରେ ଜଳାଧାର ଆରମ୍ଭ ହୋଇଛି। ସୂର୍ଯ୍ୟଙ୍କ ତାପରୁ ତୁଳସୀ ଗଛକୁ ଶୀତଳ ସ୍ୱର୍ଶ ଦେବା ନିମନ୍ତେ ଏହି ପରମ୍ପରା ପ୍ରଚଳିତ। ନଡିଆ ଛାଞ୍ଚ ଓ ଜାମୁକୋଳି ଡାଳରେ ତୁଳସୀ ଚଉରା ମୂଳରେ ଛାମୁଣ୍ଡିଆ ପ୍ରସ୍ତୁତ କରାଯାଇ ସେଥିରେ ବିଭିନ୍ନ ଫଳ(ଆମ୍ବ, ମେହେଙ୍ଗା କୋଳି ପ୍ରଭୃତି) ବନ୍ଧାଯାଇଥାଏ। ଛାମୁଣ୍ଡିଆ ଚାରିପଟେ ଆମ୍ବପତ୍ର ବନ୍ଧାଯିବା ସହ ତୁଳସୀ ଗଛ ଉପରେ ଏକ ଶିକାରେ ମାଟିପାତ୍ର ଓହଳାଯାଇଥାଏ। ସୂର୍ଯ୍ୟତାପ ସମୟରେ ଚଉରାମୂଳ ଛାଇ ହେବା ସହିତ ତୁଳସୀ ଗଛ ଉପରେ ବିନ୍ଦୁ ବିନ୍ଦୁ ଜଳଧାର ପଡ଼ିଥାଏ। ଏହାକୁ ବସୁନ୍ଧରା ଘଡି ପୂଜାପର୍ବ ପାଳନ ବୋଲି କୁହାଯାଏ। ପ୍ରାକ୍ତନ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ କୁହନ୍ତି ତୁଳସୀ ବିଷ୍ଣୁବଲ୍ଲଭା ନାମରେ ପରିଚିତ। ବୃକ୍ଷ ମଧ୍ୟରେ ଶ୍ରେଷ୍ଠ। ଖରାର ପ୍ରକୋପ ବଢୁଥିବାରୁ ଏହିଦିନ ସୂର୍ଯ୍ୟ ଦେବତାଙ୍କୁ ପଣା ସମର୍ପଣ କଲେ ଖରାର ପ୍ରକୋପ ହ୍ରାସ ପାଇଥାଏ ବୋଲି ବିଶ୍ୱାସ ରହିଛି। ଗ୍ରୀଷ୍ମ ପ୍ରବାହ ସମୟରେ ତୁଳସୀଙ୍କୁ ଶୀତଳତା ପ୍ରଦାନ ପାଇଁ ଏହି ପରମ୍ପରା କାହିଁ କେଉଁ ଅମଳରୁ ଚାଲଉଛି।ଏଥିସହିତ ଆଜିକା ଦିନରେ ଭଗବାନଙ୍କୁ ପଣାଲାଗି କରାଯିବା ସହ ନୂଆ ପାଞ୍ଜି ପଢ଼ାଯାଇଥାଏ ବୋଲି ସେ କହିଛନ୍ତି।

### ▶ ଓଡ଼ିଆ ନବବର୍ଷକୁ ବୁଝୁନାହାନ୍ତି ଲୋକ

ବିଷୁବ ସଂକ୍ରାନ୍ତିକୁ ଓଡିଆ ନବବର୍ଷଭାବେ ପାଳନ କରାଯାଉଛି। କିନ୍ତୁ ଆଧୁନିକତାର ସ୍ପର୍ଶରେ ବିଷୁବର ମହାନ ପରମ୍ପରା ନିଷ୍ପ୍ରଭ ହୋଇଯାଉଛି। ଓଡିଆ ହୋଇ ଓଡିଆ ସଂସ୍କୃତିକୁ ପ୍ରାୟ ମନେରଖୁନାହାନ୍ତି।ଫଳରେ ଓଡିଆ ନବବର୍ଷ କହିଲେ ଓଡିଆମାନଙ୍କୁ ଏହାରମାନେ ବୁଝିବା କାଠିକର ପାଠ ହୋଇପଡୁଛି। ତେବେ ନୂଆବର୍ଷ କହିଲେ କେବଳ ଇଂରାଜୀ କ୍ୟାଲେଣ୍ଡରର ଜାନୁଆରୀ ମାସର ୧ତାରିଖ କାହାକୁ ଅବୁଝା ରହେ ନାହିଁ। ଓଡିଆ ନବବର୍ଷ ବଦଳ ସଂସ୍କୃତି ଓ ପରମ୍ପରା ପ୍ରତି ଉପହାସ ପାଲଟିଛି। ମାତ୍ର ଆଧୁନିକତା ଆଜି ପର୍ଯ୍ୟନ୍ତ ଭାଗବତ ବିଶ୍ୱାସକୁ ସ୍ୱର୍ଶ କରିପାରିନି।





**କୁହୁଡି, ୧୪ା୪(ସମିସ):** ଚୈତ୍ର ଶୁକ୍ଳ ଷଷ୍ଠୀ ତିଥିରେ ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ରାଜ୍ୟର ସବୁ ମନ୍ଦିର, ଶୈବ ପୀଠରେ ଓ ମଠ ମାନଙ୍କରେ ଆନନ୍ଦ ଉଲ୍ଲାସର ପାଳନ ହୋଇଯାଇଛି। ରତନପୁର ତାଳଡିହ ରଘୁନାଥ ମନ୍ଦିରରେ ବହୁ ଭକ୍ତଙ୍କ ସମାଗମରେ ୧୦୮ ହନୁମାନ ଚାଳିଶା ମନ୍ତ୍ର ପାଠରେ ପ୍ରକମ୍ପିତ ହୋଇଥିଲା ପରିବେଶ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ଚଣ୍ଡେଶ୍ୱର ଶୈବ ପୀଠରେ ସକାଳୁ ମଙ୍ଗଳ ଆଳତି ପରେ ସୂର୍ଯ୍ୟ ପୂଜା ସହିତ ରୀତିନୀତି ସହିତ ପୂଜାଅର୍ଚ୍ଚନା କରାଯାଇଥିଲା। ଏହି ପଣାସଂକ୍ରାନ୍ତି ଦିନ ମା'ମଙ୍ଗଳା ସେବା ସଦନ, ଛେଳିଆସାହି ତରଫରୁ ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଓଡ଼ିଆ ନବ ବର୍ଷ ପାଳନ କରାଯାଇ ପଣା ବଣ୍ଟନ କରାଯାଇଥିଲା।

## ଶ୍ରୀ ଉମାମହେଶ୍ୱର ଦେବଙ୍କ ପୀଠ ଉତ୍ସବମୁଖର

**ବାଲୁଗାଁ, ୧୪ା୪(ସମିସ) ;** ଓଡ଼ିଆଙ୍କ ମହା ବିଷୁବ ସଂକ୍ରାନ୍ତି ତଥା ପଣାସଂକ୍ରାନ୍ତି ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପର୍ବ ଅଟେ। ବାଲୁଗାଁ ଅଞ୍ଚଳର ଆରାଧ୍ୟ ଦେବତା ଶ୍ରୀ ଉମାମହେଶ୍ୱର ଦେବଙ୍କ ପୀଠରେ ମହାବିଷୁବ ପଣା ସଂକ୍ରାନ୍ତି ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ରବିବାର ଆଡମ୍ବର ସହ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନରୁ ହଜାର ହଜାର ଶ୍ରଦ୍ଧାଳୁ ପୀଠରେ ସମାଗମ ହୋଇ ମହାଦେବଙ୍କ ଦର୍ଶନ କରିବା ପରେ ବୀର ହନୁମାନଙ୍କୁ ଦର୍ଶନ କରି ଜୟନ୍ତି ପାଳନ କରିଥିବା ବେଳେ ପୀଠରେ ବହୁ ଦୋକାନ ବଜାର ପସରା ପଡ଼ିବା ସହ ବିଭିନ୍ନ ଅନୁଷ୍ଠାନ ତରଫରୁ ପଣା ଭୋଗ ବଣ୍ଟନ ହୋଇଥିଲା। ଉମାମହେଶ୍ୱର ଦେବଙ୍କ ପୀଠରେ ପଣା ସଂକ୍ରାନ୍ତି ଅବସରରେ ଦିନ ତମାମ ପଣା ଯାତ୍ରା ଦେଖିବା ପାଇଁ ହଜାର ହଜାର ଭକ୍ତଙ୍କ ଭିଡ଼ ଲାଗିଥିଲା। କମିଟ ତରଫରୁ ବୀର ହନୁମାନଙ୍କ ପୂଜାର୍ଚ୍ଚନ କରାଯାଇ ବିଧି ଅନୁଯାଇ କାର୍ଯ୍ୟକ୍ରମ ହୋଇଥିଲା।। ଶ୍ରୀ ଉମାମହେଶ୍ୱର ଦେବଙ୍କ ପୀଠରେ ରବିବାର ପଣାଯାତ୍ରା ପାଳିତ ହେଉଥିବା ବେଳେ ସୋମବାର ଅଷ୍ଟଶମ୍ଭୁ ମେଳଣ ଅନୁଷ୍ଠିତ ହେବ। ଏଥିନିମନ୍ତେ ବିଭିନ୍ନ ପ୍ରାନ୍ତରରୁ ଦେବାଦେବୀ ସୁସଜ୍ଜିତ ଦୋଳ ବିମାନରେ ରବିବାର ରାତ୍ରରେ ପାଟପଟୁଆର ସହିତ ଆଗମନ କରିଛନ୍ତି। ରାତ୍ର ତମାମ ସାସ୍କୃତିକ କାର୍ଯ୍ୟ ପରିବେଷଣ ହେବା ସହ ସୋମବାର ଦିନତମାମ ଠାକୁରଙ୍କ ବିଭିନ୍ନ ନୀତିକାନ୍ତି ପୂଜାର୍ଚ୍ଚନା ହେବା ସହ ସଂଧ୍ୟାରେ ମେଳଣ ପର୍ବ ଅନୁଷ୍ଠିତ ହେବ। ଶାନ୍ତି ଶୃଙ୍ଖଳା ନିମନ୍ତେ ବ୍ୟପକ ପୋଲିସ ମୁତୟନ କରାଯାଇଛି।

### ● ବାଇକ୍ ଶୋଭାଯାତ୍ରା

**ବାଲୁଗାଁ:** ବାଲୁଗାଁ ବାଣପୁର ବଜରଙ୍ଗ ଦଳ ତରଫରୁ ୧୪ତାରିଖ ରବିବାର ପବିତ୍ର ହନୁମାନଙ୍କ ଜୟନ୍ତି ଅବସରରେ ଏକ ବିରାଟ ବାଇକି ଶୋଭାଯାତ୍ରାରେ ବାଲୁଗାଁ ବାଣପୁର ନଗର ପରିକ୍ରମା କରି ଆଡମ୍ବର ସହକାରେ ପାଳନ କରିଥିଲେ। ବଜରଙ୍ଗୀ ଦଳର ପ୍ରାୟ ୫ ଶହରୁ ଉର୍ଦ୍ଧ ସଦସ୍ୟ ବୃନ୍ଦ ଅଂଶ ଗ୍ରହଣ କରିଥିବା ବେଳେ ଜୟ ଶ୍ରୀରାମ ଧ୍ୱନୀରେ ଅଞ୍ଚଳରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।



## ଜିଲ୍ଲାସ୍ତରୀୟ ଆମ୍ବେଦକର ଜୟନ୍ତୀ



**ଖୋର୍ଦ୍ଧା, ୧୪ା୪(ସମିସ):** ଜିଲ୍ଲାପାଳଙ୍କ ସଦଭାବନା କକ୍ଷରେ ଜିଲ୍ଲା ପ୍ରଶାସନ ତରଫରୁ ଭାରତ ରତ୍ନ ବା ବା' ସାହେବ ଡ଼ଃ ଆମ୍ବେଦକରଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ସଭାପତିତ୍ୱ କରିଥିଲେ। ଏହି ଅବସରରେ ଶ୍ରୀ ବେଉରା ଦଳିତ ଜନତାଙ୍କ ତ୍ରାଣକର୍ତ୍ତା ଥିଲେ ଡ. ବି.ଆର. ଆମ୍ବେଦକର ବୋଲି କହିଥିଲେ। ଭାରତର ସମ୍ବିଧାନର ପ୍ରଣେତା ରୂପେ ପରିଚିତ ଆମ୍ବେଦକର ୧୮୯୧ ମସିହା ଏପ୍ରିଲ ୧୪ରେ ଜନ୍ମ ଗ୍ରହଣ କରିଥିଲେ। ସାମାଜିକ ସମତା ଓ ନ୍ୟାୟ ପ୍ରତିଷ୍ଠା କ୍ଷେତ୍ରରେ ତାଙ୍କ ଅବଦାନ ଅବିସ୍ମରଣୀୟ। ଏଥିସହିତ ଆମ୍ବେଦକରଙ୍କର ସମ୍ବିଧାନ ପ୍ରଣୟନ କ୍ଷେତ୍ରରେ ଭୂମିକା ଏବଂ ତାଙ୍କର ତ୍ୟାଗ ସମ୍ପର୍କରେ ଶ୍ରୀ ବେଉରା ଆଲୋକପାତ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ କହିଥିଲେ, ବୟସର ପ୍ରଥମ ୨୫ବର୍ଷ ଭଲଭାବରେ ପାଠ ପଢ଼ିଥିଲେ ଅବଶିଷ୍ଟ ସମୟ ସୁଖରେ କାଳାତିପାତ କରିବାକୁ ହୁଏ ବୋଲି ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉପଦେଶ ପ୍ରଦାନ କରିଥିଲେ। ପିଲାମାନଙ୍କୁ ଆମ୍ବେଦକରଙ୍କ ଜିବନୀ ଉପରେ ଆଧାରିତ ପ୍ରଶ୍ନ ପଚାରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରିଣୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ପରିଚାଳନା କରିଥିବାବେଳେ ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସମେତ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆମରି ସତ୍ୟ ବିକାଶ ପରିଷଦର ମହାବିଷୁବ ମିଳନ ଉତ୍ସବ

**ଖୋର୍ଦ୍ଧା/ଜଟଣୀ, ୧୪ା୪(ସମିସ):** ରବିବାର ଆମରି ସତ୍ୟ ବିକାଶ ପରିଷଦ ଜଟଣୀର ମହାବିଷୁବ ମିଳନ ଉତ୍ସବ ଜବାହରଲାଲ ସୁବୁଦ୍ଧିଙ୍କ ସଭାପତିତ୍ୱରେ ରାମଚନ୍ଦ୍ର ପୁର ବଜାରସ୍ଥିତ କ୍ରିଷ୍ଣା ଟାୱାର ପଛପାଖରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସାରସ୍ୱତ ଉତ୍ସବରେ ମୂଖ୍ୟ ଅତିଥି ଭାବରେ ଶିକ୍ଷାବିତ୍ ଡ. ବିଷ୍ଣୁ ଚରଣ ସାହୁ ଯୋଗଦେଇ ଆମ ସଂସ୍କୃତି ପରମ୍ପରା ଓ ମହାବିଷୁବ ସଂକ୍ରାନ୍ତିର ମହତ୍ୱ ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ। ଶ୍ରୀ ନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦ ଓଡ଼ିଶାର ସଭାପତି ବିନାୟକ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉକ୍ତ ଦିନର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥଲେ।

ସମ୍ମାନିତ ଅତିଥି ବରିଷ୍ଠ ପାଲାଗାୟକ ପଣ୍ଡିତ ରମାକାନ୍ତ ମିଶ୍ର ମହାବିଷୁବ ସଂକ୍ରାନ୍ତିର ବିଭିନ୍ନ ତତ୍ୱ ଉପସ୍ଥାପନା କରିବା ସହିତ ତୁଳସୀ ବୃକ୍ଷର ପୂଜା ଓ କାବ୍ୟ ସାହିତ୍ୟରୁ ଗ୍ରୀଷ୍ମ ଋତୁରବର୍ଣ୍ଣନା କରିଥଲେ। ଆମରିସତ୍ୟ ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ଏହି ଦିନଟି ମହାବିଷୁବ ସଂକ୍ରାନ୍ତି, ଓଡିଆ ନବବର୍ଷ, ପଣାସଂକ୍ରାନ୍ତି ଭାବରେ ଓଡ଼ିଶାର ପୁରପଲ୍ଲୀରେ ଧୂମଧାମରେ ପାଳନ କରାଯାଏ ବୋଲି କହିଥିଲେ। ଶିକ୍ଷାବିତ ପ୍ରାକ୍ତନ ଅଧକ୍ଷ ଡ.ଭାବଗ୍ରାହୀ ବିଶ୍ୱାଳ ଆଲୋଚନାରେ ଭାଗନେଇଥିଲେ। ଏହି ଅବସରରେ ଓଡ଼ିଶା ଭାଷା ସାହିତ୍ୟ ଗବେଷଣା ପ୍ରତିଷ୍ଠାନ ବିପିନ ବିହାରୀ ପାଠାଗାର ଜଟଣୀ ର ପ୍ରତିଷ୍ଠାତା ବିପିନ ବିହାରୀ ମହାନ୍ତି, ଜଟଣୀ ସାହିତ୍ୟ ସଂସଦ ସଭାପତି ଶ୍ୟାମସୁନ୍ଦର ତ୍ରିପାଠୀ ଓ ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମହାପାତ୍ରଙ୍କୁ ପରିଷଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ କବିତାପାଠ କାର୍ଯ୍ୟକ୍ରମ ପଦ୍ମଲୋଚନ ସାହୁଙ୍କ ସଭାପତିତ୍ୱରେ ଓ ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀ, ରଶ୍ମିତା ନାୟକ ଓ ସମରଜିତ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଆଦି ନାରାୟଣ ଖଣ୍ଡୁଆଳ ଅତିଥି ପରିଚୟ ପ୍ରଦାନ କରିବା ସହିତ ଡ. ସୁକାନ୍ତି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କାହ୍ନୁ ଚରଣ ମିଶ୍ର, ଗଗନ ପଟ୍ଟନାୟକ, କିଶୋର ଚନ୍ଦ୍ର ପାଇକରାୟ, ବ୍ରଜବନ୍ଧୁ ନାୟକ, ଜଗନ୍ନାଥ ନାୟକ, ପ୍ରମୋଦ ମହାନ୍ତି, ସୁରେଶ ରଥ, ସତ୍ୟବାଦୀ ସାହୁ, ସୁଦର୍ଶନ ମହାପାତ୍ର, ଜ୍ଞାନ ଦାଶ, ଆରତୀ ସେନ୍, ବାସୁଦେବ ସାହୁ, ହେମଲତା ସାହୁ, ପ୍ରଭାସ ଚନ୍ଦ୍ର ମଙ୍ଗରାଜ, ରଜନୀ ରଣସିଂହ, ସୌଦାମିନୀ ବେହେରା, ତ୍ରିଲୋଚନ ମହାପାତ୍ର ସହଯୋଗ କରିଥଲେ।




## କାଶିପୁର ମହାବୀର ଅଷ୍ଟମ ବାର୍ଷିକ ଜନ୍ମୋତ୍ସବ

**ନିରାକାରପୁର, ୧୪ା୪(ସମିସ):** ପବିତ୍ର ପଣା ସଂକ୍ରାନ୍ତି ଓ ହନୁମାନଙ୍କ ଜୟନ୍ତୀ ଉପଲକ୍ଷେ ଖୋର୍ଦ୍ଧା ଜିଲ୍ଲା କାଶିପୁର ଚିତ୍ରକୁଟ ମୁଣ୍ଡିଆ ରେ ଅବସ୍ଥିତ ଶ୍ରୀ ମହାବୀର ଙ୍କ ଅଷ୍ଟମ ବାର୍ଷିକ ଜନ୍ମୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଜି ଏହି ସ୍ଥଳରେ ହୋମ, ଯଜ୍ଞ, ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ବହୁ ସଂଖ୍ୟାରେ ଭକ୍ତମାନେ ଯାଇ ପୂଜାଅର୍ଚ୍ଚନା କରି ଠାକୁରଙ୍କ ଆଶୀର୍ବାଦ ଲାଭ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ପଟ୍ଟନାୟକ, ପ୍ରଦୀପ କୁମାର ଷଡ଼ଙ୍ଗୀ, ପବିତ୍ର ମୋହନ ପାଇକରାୟ, ଦେବ ନାରାୟଣ ହୋତା, ନୃସିଂହ ଦଳେଇ, ସୀତାକାନ୍ତ ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ମହାପାତ୍ର, ଶୁଭଲକ୍ଷ୍ମୀ ମହାପାତ୍ର, ସ୍ୱପ୍ନେଶ୍ୱର ଜୟସିଂହ ଓ ତ୍ରିନାଥ ଦଳେଇ, ଶିକ୍ଷାବିତ୍ କମଳ ଲୋଚନ ପ୍ରଧାନ ଓ ଅପର୍ତ୍ତି ଜେନା ପ୍ରମୁଖ ସହଯୋଗ କରିଥିଲେ।

ନିଆଁରେ ଚାଲିଲେ ଦଣ୍ଡୁଆ।

## ବିଶ୍ୱାସ ପାଲଟିଲା ବାସ୍ତବତା



**ଖୋର୍ଦ୍ଧା, ୧୪ା୪(ସମିସ)**

ଖୋର୍ଦ୍ଧା ଓ ଏହାର ଉପକଣ୍ଠରେ ରବିବାର ମହାବିଷୁବ ସଂକ୍ରାନ୍ତି ତଥା ଓଡିଆ ନବବର୍ଷ ଅବସରରେ୨୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମାନସିକଧାରୀ ଦଣ୍ଡୁଆ ଓ କାଳିଶି ଡହ ଡହ ଖରାରେ ୧୨୧ହାତ ପର୍ଯ୍ୟନ୍ତ ଗାତରେ ରହିଥିବା ରଡ ନିଆଁରେ ଚାଲି ଭକ୍ତି ଓ ବିଶ୍ୱାସର ବାସ୍ତବତା ଦେଖାଇଛନ୍ତି। ଏଥିପାଇଁ ସେ ସବୁସ୍ଥାନରେ ଶ୍ରଦ୍ଧାଳୁଙ୍କୁ ବେଶ ସମାଗମ ହୋଇଥିଲା। ଖୋର୍ଦ୍ଧାର ସାମନ୍ତରାପୁର ମଙ୍ଗଳା, ଉଇଲକିଶନ ନଗର ମା'ଅଁଳେଇଙ୍କ ପୀଠ, ଅରାଙ୍ଗର ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠ, ପୁରୁସାହି, ଗଡ଼ଖୋର୍ଦ୍ଧା, ଅସରଳା କାଳିକା ପୀଠ, ଜଟଣୀର ଭୀମପୁର ଶିବମନ୍ଦିର, ନିରଞ୍ଜନପୁରସ୍ଥିତ ଦକ୍ଷିଣକାଳୀଙ୍କ ମନ୍ଦିର ପ୍ରମୁଖ ଅଞ୍ଚଳରେ ଝାମୁଯାତ୍ରା ହୋଇଥିଲା। ଦଣ୍ଡପାଟୁଆ ଓ କାଳିଶିମାନେ ମାନସିକ ପୂରଣ ପାଇଁ ମାସାଧିକ କାଳ ବ୍ରତ ପାଳନ ପୂର୍ବକ ଘରଠାରୁ ଦୂରରେ ରହିବା ସହ ଗାଁ, ସାହି ଓ ବଜାର ବୁଲି ମାଗଣ କରି ମା'ଙ୍କୁ ପୂଜାର୍ଚ୍ଚନା କରି ସମ୍ପୂର୍ଣ୍ଣ ସମର୍ପି ହୋଇଥାନ୍ତି। ନିଆଁରେ ଚାଲିବା ପୂର୍ବରୁ କାଳିଶି ଓ ପାଟୁଆମାନେ ତତଲା ବାଲିରେ ଗଡ଼ି ନିଆଁ ଝୁଣା ନିଜ ପାଦରେ ଖାଇଥିଲେ। ଶନିବାର ମେରୁରେ ସମସ୍ତ ପାଟୁଆ ମାଗଣ ପରେ ଗାଧୋଇ ପୀଠରେ ଅଧିଆ ପଡ଼ିଥିଲେ। ସେମାନଙ୍କ ପାଦରେ କାଳିଶି ନିଆଁ ଝୁଣା ମାଡ କରିଥିଲେ। ରବିବାର କାଳିଶି ପଟୁଆରମାନେ ମା'ଙ୍କ ଆଜ୍ଞାମାଳ ପାଇ ପଣା ହାଣ୍ଡି ଝାମୁ ଚାଲିବାକୁଥିବା ଗାତରେ ରଖି ଗାଧୋଇବାକୁ ଯାଇଥିଲେ। ପରେ ସମସ୍ତେ କଜଳ, ସିନ୍ଦୁର ପିନ୍ଧି ପୀଠକୁ ଆସି ନିଆଁରେ ଚାଲିଥିଲେ। ଝାମୁ ଦେଖିବାକୁ ପଡ଼ିଆରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାବେଳେ ହୁଳୁହୁଳି, ହରିବୋଲରେ ଅଞ୍ଚଳମାନ ପ୍ରକମ୍ପିତ ହୋଇଥିଲା।



## ଶ୍ରୀରାମେଶ୍ୱର ଦେବଙ୍କ ଦଣ୍ଡ ଉତ୍ସବ ଉଦ୍‌ଯାପିତ

**ବାଲୁଗାଁ, ୧୪ା୪(ସମିସ):** ସମଗ୍ର କାନ୍ଥମାହାଲ ଓ ବଡ଼କୁଳ ଅଞ୍ଚଳର ସର୍ବ ପୁରାତନ ଗାଦିଶ୍ୱର ପୀଠ, ବଡ଼କୁଳ ସ୍ଥିତ ଶ୍ରୀରାମେଶ୍ୱର ଦେବଙ୍କ ଦଣ୍ଡ ଉତ୍ସବ ଶନିବାର ଅନ୍ତିମ ଦିବସରେ ମେରୁ ଉତ୍ସବରେ ଉଦ୍‌ଯାପିତ ହୋଇଯାଇଛି। ଗତ ମାର୍ଚ୍ଚ ୨୪ତାରିଖ ଚୈତ୍ର ମାସ ପାପନାସିନୀ ଏକାଦଶୀ ଦିନ ଠାରୁ ପାରମ୍ପରିକ ରିତୀ ନୀତି ଅନୁଯାୟୀ ଦଣ୍ଡ ଠାକୁରଙ୍କୁ ଆବିର୍ଭାବ କରାଯାଇଥିଲା। ଏଥିରେ ସମଗ୍ର ବଡ଼କୁଳ ଅଞ୍ଚଳ ଉତ୍ସବ ମୁଖର ହୋଇପଡ଼ିଥିଲା। ଦୀର୍ଘ ୨୧ଦିନ ଧରି ଶ୍ରୀ ରାମେଶ୍ୱର ଦେବ ଦଣ୍ଡଠାକୁର ବିଭିନ୍ନ ଗ୍ରାମ ପରିକ୍ରମା କରିବା ପରିପ୍ରେକ୍ଷିରେ ମାନସିକ ଦଣ୍ଡ, ପୂର୍ବ ନିର୍ଦ୍ଧାରିତ ଗ୍ରାମରେ ପାଣିତୋଳା ଉତ୍ସବ ଓ ଦଣ୍ଡକାଳୀ ପୂଜା ସହ ଦଣ୍ଡନୃତ୍ୟ ପରିବେଷଣ କରି ଗୁରୁବାର ସକାଳେ ଗାଦିଶ୍ୱର ପୀଠ ବଡ଼କୁଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଶ୍ରୀ ରାମେଶ୍ୱର ଦେବଙ୍କ ଗାଦିଶ୍ୱର ପୀଠ ବଡ଼କୁଳକୁ ମେରୁଯାତ୍ରା ଅବସରରେ ଶନିବାର ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ମାନସିକ ପୂଜାନୀତି ସମ୍ପାଦନା କରିଥିଲେ। ସନ୍ଧ୍ୟାରେ ଦଣ୍ଡଠାକୁରଙ୍କ ଶେଷ ପାଣିତୋଳା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଦଣ୍ଡଠାକୁରଙ୍କ ବିଭିନ୍ନ ପୂଜାନୀତି ସମ୍ପାଦନା ପରେ ପାଟ ପଟୁଆର ସହ ଠାକୁର ଗ୍ରାମ ପରିକ୍ରମାରେ ବାହାରିଥିଲେ। ଗ୍ରାମ ପରିକ୍ରମା ପ୍ରାରମ୍ଭରେ ମାନସିକଧାରୀ ପଡ଼ିଥିବା ଅଧିଆଙ୍କୁ ଦଣ୍ଡକାଳି ଆବିର୍ଭାବ ହୋଇ ମନସ୍କାମନା ପୂରଣ ନିମନ୍ତେ ବରଦାନ କରିଥିଲେ। ପରେ ପାଟପଟୁଆର ସହ ଦଣ୍ଡଠାକୁର ଗ୍ରାମ ପରିକ୍ରମା କରି ପାଟଭଗତାଙ୍କ ଦ୍ୱାରରେ ମେରୁଭୋଗ ଖାଇ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ଭଗତାମାନେ ପ୍ରସାଦ ସେବନ କରିବା ପରେ ଚଳିତ ବର୍ଷ ଦଣ୍ଡ ଉତ୍ସବର ଶେଷ ଦଣ୍ଡନୃତ୍ୟ ପରିବେଷଣ ହୋଇଥିଲା। ନିଶା ରାତ୍ରିରେ ଦଣ୍ଡଠାକୁରଙ୍କୁ ନିଜର ଆସ୍ଥାନକୁ ପ୍ରତ୍ୟାବର୍ତ୍ତନ କରାଯାଇ ଉତ୍ସବକୁ ଉଦ୍‌ଯାପିତ କରାଯାଇଅଛି। ପାଟଭଗତା ସତ୍ୟନାରାୟଣ ମହାରଣା, ମୁଖ୍ୟ ଦଣ୍ଡୁଆ ମାଟିଆ ପାଇକରାୟ ଓ ପ୍ରତାପ ରାଉତରାୟଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ଭଗତା ସାମିଲ୍ ହୋଇଥିଲେ। ଏହି ୨୧ଦିନ ବ୍ୟାପି ଦଣ୍ଡଉତ୍ସବକୁ ପରିଚାଳକ ଅଜୟ ପାଇକରାୟ, ରମେଶ ବେହେରା, ବଳଭଦ୍ର ବିଶୋଇ ଓ ଗୋପବନ୍ଧୁ ପାଇକରାୟଙ୍କ ସମେତ ବଡ଼କୁଳ ଗ୍ରାମବାସୀ ଶୃଙ୍ଖଳାର ସହ ପରିଚାଳନାରେ ସହଯୋଗ କରିଥିଲେ।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୫୯ ● ପାଉଣ୍ଡ ୧୦୪.୦୮
- ୟୁରୋ ୮୯.୦୧ ● ୟେନ୍ ୦.୫୪

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୬,୫୦୦ (ଭୁବନେଶ୍ୱର)
- ରୁପା : ୮୯,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୭୪,୨୪୪.୦୦
- ନିଫ୍ଟି ୨୨,୫୧୯.୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

● ୧୦ ମାସରେ ସହଜ ସ୍ଥିତିରେ ରିଟେଲ ମୁଦ୍ରାସ୍ଫୀତି

# ୫.୦୯ରୁ ୪.୮୫ ପ୍ରତିଶତକୁ ଖସିଲା



**ନୂଆଦିଲ୍ଲୀ,୧୪।୪(ଏଜେନ୍ସି):** ଇତି ମଧ୍ୟରେ ଦେଶର ରିଟେଲ ମୁଦ୍ରାସ୍ଫୀତି ଅପେକ୍ଷାକୃତ ସହଜ ସ୍ଥିତିରେ ପହଞ୍ଚିଛି। ବାର୍ଷିକ ହାରରେ ଗତ ମାସ ଶେଷ ସୁଦ୍ଧା ଏହା ପୂର୍ବ ତୁଳନାରେ ହ୍ରାସ ପାଇଛି। ୨୦୨୩ ଫେବୃଆରୀରେ ରିଟେଲ ମୁଦ୍ରାସ୍ଫୀତି ହାର ୫.୦୯ ପ୍ରତିଶତ ରହିଥିଲା ବେଳେ ୨୦୨୪ ମାର୍ଚ୍ଚ ସୁଦ୍ଧା ଏହା ୪.୮୫ ପ୍ରତିଶତକୁ ଖସି ଆସିଛି ବୋଲି ସରକାରୀ ସୂତ୍ରରେ ପ୍ରକାଶ କରାଯାଇଥିବା ରିପୋର୍ଟରୁ ଜଣାପଡ଼ିଛି। ୨୦୨୪ ପ୍ରାରମ୍ଭରେ ରିଟେଲ ମୁଦ୍ରାସ୍ଫୀତିକୁ ନେଇ ରଏଟର ପକ୍ଷରୁ ଆକଳନ କରାଯିବା ସହିତ ଏହା ପାଖାପାଖି ୪.୯୧ ପ୍ରତିଶତ ରହିବ ବୋଲି କୁହାଯାଇଥିଲା। ତେବେ ଏହି ଆକଳନ ତୁଳନାରେ ମଧ୍ୟ ଏହା ହ୍ରାସ ପାଇଛି। ଉଲ୍ଲେଖଯୋଗ୍ୟ ଯେ, ଭାରତୀୟ ରିଜର୍ଭ ବ୍ୟାଙ୍କର ଲକ୍ଷ୍ୟ ଅନୁସାରେ ରିଟେଲ ମୁଦ୍ରାସ୍ଫୀତି ହାର ୨ ରୁ ସର୍ବାଧିକ ୬ ପ୍ରତିଶତ ମଧ୍ୟରେ ସୀମିତ ରହିବା କଥା। କିନ୍ତୁ ହାରାହାରି ଭାବେ ଦେଶର ମୁଦ୍ରାସ୍ଫୀତି ସ୍ଥିତି ଗତମାସରେ ପରିବର୍ତ୍ତନ ହେବା ସହିତ ଖାଉଟି ମୁଦ୍ରାସ୍ଫୀତି ସ୍ଥିତିରେ ମଧ୍ୟ ପରିବର୍ତ୍ତନ ଘଟିଥିବା କୁହାଯାଇଛି।

# ଫେସ୍‌ବୁକ୍ ମେସେଞ୍ଜରରେ ମିଳିବ ଏଚ୍‌ଡି ଫଟୋ; ଭିଡିଓ ପଠାଇବା ସୁବିଧା



**ନୂଆଦିଲ୍ଲୀ,୧୪।୪(ଏଜେନ୍ସି):** ସାଂପ୍ରତିକ ସମୟରେ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଫଟୋ ଏବଂ ଭିଡିଓ ପଠାଇବାର ଚାହିଦା ବଢିବାରେ ଲାଗିଛି। ବିଶେଷକରି ଯୁବପିଢିଙ୍କ କ୍ଷେତ୍ରରେ ଏହା ଏକ ନିଶା ପାଲଟିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। କେବଳ ଫଟୋ କିମ୍ବା ଭିଡିଓ ପଠାଇବା କଥା ନୁହେଁ,ବରଂ ଉଚ୍ଚମାନର ଏଚଡି(ହାଇ ଡେଫିନେସନ) ଗୁଣବତ୍ତାରେ ଭିଡିଓ ଏବଂ ଫଟୋ ପାଇଁ ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ସାଧାରଣରେ ଏଭଳି ଚାହିଦାକୁ ଦୃଷ୍ଟିରେ ରଖି ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମ ଏଚଡି ଗୁଣବତ୍ତା ଫଟୋ ଏବଂ ଭିଡିଓ ପଠାଇବାକୁ ଉପଭୋକ୍ତାମାନଙ୍କୁ ବିକଳ୍ପ ଦେବାରେ ଲାଗିଛନ୍ତି। ବର୍ତ୍ତମାନ ମେଟା ମାଲିକାନାତ୍ୱରେ ରହିଥିବା ହ୍ୱାଟସ୍ ଆପ୍ ଏଚଡି ଫଟୋ ଏବଂ ଭିଡିଓ ପଠାଇବାକୁ ସୁଯୋଗ ଦେଇଛି । ଏହା ପରେ ମେଟା ଫେସବୁକ୍ ମେସେଞ୍ଜର ଆପରେ ଏଚଡି ଫଟୋ ଏବଂ ଭିଡିଓ ପଠାଇବାକୁ ଗ୍ରାହକମାନଙ୍କ ପାଇଁ ସୁଯୋଗ ଆଣିବାକୁ ଘୋଷଣା କରିଛି। ଏହି ବୈଶିଷ୍ଟ୍ୟ ସହାୟତାରେ ଫେସବୁକ୍ ମେସେଞ୍ଜର ବ୍ୟବହାରକାରୀମାନେ ୧୦୦ଏମବି ପର୍ଯ୍ୟନ୍ତ ଫାଇଲଗୁଡ଼ିକୁ ସହଜରେ ଅନ୍ୟତ୍ର ପଠାଇପାରିବେ। ଯଦି ଫେସବୁକରେ ଏଚଡି ଫଟୋ ଏବଂ ଭିଡିଓ ପଠାଯାଏ ତେବେ ଏହାର ଡାହାଣ ପାର୍ଶ୍ୱରେ ଏଚଡି ବ୍ୟାଜ୍ ବିକଳ୍ପ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ହ୍ୱାଟସ୍ ଆପ୍ ପରି ଫେସବୁକ୍ ମେସେଞ୍ଜରକୁ ମଧ୍ୟ ଏଚଡି ଫଟୋ ଏବଂ ଭିଡିଓ ପଠାଇବା ପାଇଁ ଏକ ପୃଥକ ବଟନ୍ ସୁବିଧା ରହିବ ବୋଲି କୁହାଯାଇଛି।

# ୨୦ ଲକ୍ଷକୁ ବଢ଼ିବ ମୁଦ୍ରା ଋଣ ପରିମାଣ




**ନୂଆଦିଲ୍ଲୀ,୧୪।୪(ଏଜେନ୍ସି):** ୨୦୨୪ ଲୋକସଭା ନିର୍ବାଚନ ପାଇଁ ବିଜେପି ରବିବାର ଏହାର ନିର୍ବାଚନୀ ଇସ୍ତାହାର ଜାରି କରିଛି। ଏଥିରେ ଭୋଟରମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଦଳ ବହୁ ପ୍ରତିଶ୍ରୁତି ଦେଇଥିଲା ବେଳେ ଛୋଟ ଏବଂ ମଧ୍ୟମ ଉଦ୍ୟୋଗୀମାନଙ୍କ ଉଦ୍ଦେଶ୍ୟରେ ମଧ୍ୟ କିଛି ପ୍ରତିଶ୍ରୁତି ଦିଆଯାଇଛି। ବିଶେଷକରି ମୁଦ୍ରା ଯୋଜନାରେ ଦିଆଯାଉଥିବା ଋଣ ପରିମାଣକୁ ୧୦ ଲକ୍ଷରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯିବ ବୋଲି ବିଜେପି କହିଛି। ଛୋଟ ଉଦ୍ୟୋଗୀ ଏବଂ ବ୍ୟବସାୟୀଙ୍କ ପାଇଁ ୨୦୧୫ରେ ଆରମ୍ଭ କରାଯାଇଥିବା ଏହି ଯୋଜନାରେ ବିନା ଗ୍ୟାରେଣ୍ଟିରେ ୧୦ ଲକ୍ଷ ଟଙ୍କାର ଋଣ ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଥିଲା। ଶିଶୁ,କିଶୋର ଏବଂ ତରୁଣ ଭଳି ତିନୋଟି ଶ୍ରେଣୀରେ ଏହି ଋଣ ଯୋଗାଇ ଦିଆଯାଉଥିଲା ବେଳେ ଶିଶୁ ଶ୍ରେଣୀକୁ ୫୦ ହଜାର, କିଶୋର ଶ୍ରେଣୀରେ ୫୦ ହଜାରରୁ ୫ ଲକ୍ଷ ଏବଂ ତରୁଣ ଶ୍ରେଣୀରେ ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବାକୁ ବ୍ୟବସ୍ଥା ରହିଥିଲା। ହେଲେ ଏହାକୁ ଆଗାମୀ ଦିନରେ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯିବ ବୋଲି ବିଜେପି ନିଜ ଇସ୍ତାହାରରେ କହିଛି।

### ଏଣିକି ଲାଇସେନ୍ସ ପରିସରଭୁକ୍ତ ହେବେ 'ପିଓଏସ୍' ଅପରେଟର

# ଆର୍‌ବିଆଇ ଆଣିବ ନୂଆ ନିୟମ

**ନୂଆଦିଲ୍ଲୀ,୧୪।୪(ଏଜେନ୍ସି)**



ଦେଶରେ ଅନଲାଇନ ପେମେଣ୍ଟ ବ୍ୟବସ୍ଥା ସହିତ ଅଫଲାଇନରେ 'ପିଓଏସ୍' ବା 'ପଏଣ୍ଟ ଅଫ ସେଲ୍'ରେ ମଧ୍ୟ ସର୍ବାଧିକ ଅର୍ଥ ପୈଠ କରାଯାଉଛି। ଯାହାକୁ ପାଇନ ଲାବସ୍, ଏମଏସ ୱାଇପ୍, ପେ 'ଟିଏମ ଏବଂ ଭାରତ ପେ' ଭଳି ବିଭିନ୍ନ ସଂସ୍ଥା ପରିଚାଳିତ କରୁଛନ୍ତି। କିନ୍ତୁ ଏହି 'ପିଓଏସ୍' ବ୍ୟବସ୍ଥାକୁ ଆହୁରି ସୁବ୍ୟବସ୍ଥିତ କରିବାକୁ ଏହାକୁ ଲାଇସେନ୍ସ ପରିସରଭୁକ୍ତ କରାଯିବ ବୋଲି ସୂଚନା ମିଳିଛି। ଏଥିପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଏକ ନୂଆ ମାର୍ଗଦର୍ଶିକା ଆଣିବା ସହିତ ପିଓଏସ୍ କ୍ଷେତ୍ରକୁ ପଞ୍ଜିକରଣ ପରିସରଭୁକ୍ତ କରିବାକୁ ଯୋଜନା କରିଥିବା ଜଣାପଡ଼ିଛି। ବିଶେଷକରି ଥାର୍ଡ ପାର୍ଟି ପିଓଏସ୍ ଅପରେଟରମାନେ ନିଜ କାରବାର ପାଇଁ ରିଜର୍ଭ ବ୍ୟାଙ୍କ ନିକଟରୁ ଲାଇସେନ୍ସ ନେବାକୁ ପଡ଼ିବ। ଏହାଦ୍ୱାରା ବର୍ତ୍ତମାନ ପିଓଏସ୍ କ୍ଷେତ୍ରରେ କାରବାର କରୁଥିବା ପାଇନ ଲାବସ୍, ଏମଏସ ୱାଇପ୍, ପେ 'ଟିଏମ ଏବଂ ଭାରତ ପେ' ଭଳି ବିଭିନ୍ନ ସଂସ୍ଥା ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ନିୟମିତ ନିୟନ୍ତ୍ରଣ ପରିସରରେ ରହିଥିବା ପିଓଏସ୍ ତୁଳନାରେ ଥାର୍ଡ ପାର୍ଟି ଅପରେଟରଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ସେମାନେ ଦୈନିକ ୪୦୦ ରୁ ୧୦୦୦ କୋଟି ଟଙ୍କା ଅନଲାଇନ ସ୍ୱେଶରେ ରଖୁଥିବା ଦେଖାଯାଉଛି। ତେଣୁ ଏହି ଅପରେଟରମାନଙ୍କ ଉପରେ କଡ଼ା ନିୟନ୍ତ୍ରଣ ରଖିବାକୁ ଆରବିଆଇ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି।

■ ଦୂର ହେବ କଲ୍‌ଡ୍ରପ୍-ନେଟ୍‌ୱର୍କ ସମସ୍ୟା

# ଉପଗ୍ରହ ସହ ପ୍ରତ୍ୟକ୍ଷ ସଂଯୋଗ ହେବା ଭଳି ସ୍ମାର୍ଟଫୋନ୍ ଆଣୁଛି ଚୀନ୍



**ବେଜିଂ, ୧୪।୪(ଏଜେନ୍ସି):** ୫-ଜି ଯୁଗରେ ମଧ୍ୟ ନେଟୱର୍କ ସମସ୍ୟାକୁ ନେଇ ମୋବାଇଲ ଫୋନ ସେବା ବ୍ୟାହତ ହେବାର ନଜିର ରହିଛି। ନେଟୱର୍କ ସମସ୍ୟା ଯୋଗୁଁ ଉପଭୋକ୍ତାମାନଙ୍କୁ କଲ୍ ଡ୍ରପ୍ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି ଚୀନ୍ ଏଭଳି ସ୍ମାର୍ଟଫୋନ ଆଣିବାକୁ ଯାଉଛି ଯେଉଁଥିରେ ଏହି ସମସ୍ୟାରୁ ମୁକ୍ତି ମିଳିପାରିବ। ସାଧାରଣତଃ ମୋବାଇଲ୍ ଟାୱାର ସମସ୍ୟାକୁ ନେଇ କଲଡ୍ରପ୍ ସମସ୍ୟା ଦେଖାଯାଇଥିଲା ବେଳେ ଚାଇନା ପ୍ରସ୍ତୁତ ନୂତନ ସ୍ମାର୍ଟଫୋନରେ ଉପଗ୍ରହ ସହିତ ସିଧାସଳଖ ସଂଯୁକ୍ତ ହେବାର ସୁବିଧା ମିଳିପାରିବ ବୋଲି କୁହାଯାଇଛି। ଚାଇନା ବୈଜ୍ଞାନିକମାନେ ସାଟେଲାଇଟ୍ ସଂଯୋଗ ସହିତ ବିଶ୍ୱର ପ୍ରଥମ ସ୍ମାର୍ଟଫୋନ ପ୍ରସ୍ତୁତ କରିଛନ୍ତି, ଯଦ୍ୱାରା ଏକ କଲ୍‌ସିଧାସଳଖ ଉପଗ୍ରହ ସହ ସଂଯୋଗ ହୋଇପାରିବ। ଏଥିପାଇଁ ମୋବାଇଲ ଟାୱାର ଭଳି କୌଣସି ଭିତ୍ତିଭୂମିକ ବ୍ୟବସ୍ଥାର ଆବଶ୍ୟକତା ପଡ଼ିବ ନାହିଁ। ସାଟେଲାଇଟ୍ ସହ ସଂଯୋଗ ହୋଇପାରୁଥିବା ଏଭଳି ନୂଆ ଫୋନ ଚୀନ୍‌ର ସର୍ବବୃହତ ଟେଲିକମ୍ କମ୍ପାନୀ ହ୍ୟୁଆଇ ଟେକ୍ନୋଲୋଜି ପ୍ରସ୍ତୁତ କରିଛି। ହ୍ୟୁଆଇ ପରେ ଚୀନ୍‌ର ଅନ୍ୟ କମ୍ପାନୀ ସାଓମି, ଅନର, ଓପୋ ଏହି ଦୌଡ଼ରେ ସାମିଲ ହେବାକୁ ଯାଉଛନ୍ତି। ବିଶେଷ କରି ଯେତେବେଳେ ଜରୁରୀକାଳୀନ କଲ୍ କରିବାର ଆବଶ୍ୟକତା ପଡ଼ିବ ସେତେବେଳେ ଏହି ଟେକ୍ନୋଲୋଜିକୁ ଉପଯୋଗ କରାଯାଇ କଲ କରାଯାଇପାରିବ ବୋଲି କୁହାଯାଇଛି। ବିଶେଷକରି ସ୍ଥଳ ବିଶେଷରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରଚଳିତ ଯୋଗାଯୋଗ ନେଟୱର୍କ ବିଫଳ ହେଲେ ସାଟେଲାଇଟ୍ ସଂଯୋଗ କରାଯାଇ କଲ୍‌କରାଯାଇପାରିବ। ବନ୍ୟା, ଭୂକମ୍ପ ଏବଂ ସୁନାମି ସମୟରେ ଯୋଗାଯୋଗ ପ୍ରଣାଳୀ ନଷ୍ଟ ହେଲେ ସେତେବେଳେ ଏହି ବୈଷୟିକ ବିଦ୍ୟା ସହାୟତା କରିବ ବୋଲି କୁହାଯାଇଛି। ଚୀନ୍ ପରି ଏଲନ୍ ମସ୍କ ମଧ୍ୟ ଏଭଳି ଉପାୟରେ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଗୁରୁତ୍ୱ ଦେଇଛନ୍ତି।

### ଆନ୍ତର୍ଜାତିକ ବଜାରରେ ପେଟ୍ରୋଲିୟମ ମୂଲ୍ୟ ୯୦ ଡଲାର

# ଇରାନ-ଇସ୍ରାଏଲ୍ ବିବାଦ ବଢ଼ାଇପାରେ ଅସ୍ଥିରତା

**ନୂଆଦିଲ୍ଲୀ,୧୪।୪(ଏଜେନ୍ସି):** ବିଭିନ୍ନ କାରଣକୁ ନେଇ ଏବେ ଆନ୍ତର୍ଜାତିକ ବଜାରରେ ଅଶୋଧିତ ପେଟ୍ରୋଲିୟମ ମୂଲ୍ୟ ୯୦ ଡଲାର ଅତିକ୍ରମ କରିଛି। ଏହାକୁ ନେଇ ବିଭିନ୍ନ କ୍ଷେତ୍ର ପ୍ରଭାବିତ ହେବା ସହିତ ଭାରତୀୟ ତୈଳ ବିପଣନ କମ୍ପାନୀଙ୍କ କ୍ଷତି ବଢ଼ି ଚାଲିଥିବା କୁହାଯାଉଛି। ଏଭଳି ସ୍ଥଳେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଏହି ସ୍ଥିତିକୁ ଆହୁରି ଜଟିଳ କରିବ ବୋଲି ଆଶଙ୍କା ବଢ଼ିଛି। ବିଶେଷକରି ବିଶ୍ୱର ସର୍ବାଧିକ ପେଟ୍ରୋଲିୟମ ପରିବହନ ପାରସ୍ୟ ଉପସାଗର ଦେଇ ହୋଇଥାଏ। କିନ୍ତୁ ଇରାନ ଏବେ ଇସ୍ରାଏଲ ବିରୋଧରେ ଆକ୍ରାମକ ହୋଇପଡ଼ିଥିବାରୁ ସାଉଦି ଆରବ, ୟୁଏଇ, କ୍ୱାତର ଆଦି ଉପ ସାଗରୀୟ



ରାଷ୍ଟ୍ରରୁ ପାରସ୍ୟ ଉପସାଗର ଦେଇ ତୈଳ ପରିବହନ ବାଧାପ୍ରାପ୍ତ ହେବାର ଆଶଙ୍କା ବଢ଼ିଛି। ତୈଳ ବଜାରରେ ଅସ୍ଥିରତା ଦେଖାଗଲେ ଏହା ବୈଶ୍ୱିକ ଅର୍ଥନୀତି ପାଇଁ ପୁଣି ପ୍ରତିବନ୍ଧକ ଆଣିବାର ମଧ୍ୟ ଆଶଙ୍କା ବଢ଼ାଇଛି। ଇରାନ ଆଭିମୁଖ୍ୟକୁ ନେଇ ଗତ ସପ୍ତାହ ଶେଷ ଭାଗରେ ବିଶ୍ୱର କେତେକ ପ୍ରମୁଖ ଶେୟାର ବଜାର ପ୍ରଭାବିତ ହୋଇଥିବା ଦେଖାଯାଇଛି। ବିଶେଷକରି ବିଦେଶୀ ପୁଞ୍ଜି ନିବେଶକାରୀ ନିବେଶ କ୍ଷେତ୍ରରେ ସତର୍କତା ଅବଲମ୍ବନ କରୁଥିବାରୁ ଲଣ୍ଡନ,ଜାପାନ ଏବଂ ହଂକଂ ଶେୟାର ବଜାରରେ ହ୍ରାସ ଦେଖାଯାଇଛି। କିନ୍ତୁ ଆଗକୁ ଏହି ସ୍ଥିତି ଆହୁରି ଜଟିଳ ହୋଇପାରେ ବୋଲି ଆକଳନ କରାଯାଉଛି।

# ରିଲାଏନ୍ସ ରିଟେଲ୍ ପକ୍ଷରୁ 'ଟିରା ଟୁଲ୍ସ' ଆସେସରିଜ୍ ରେଞ୍ଜର ଶୁଭାରମ୍ଭ



**ମୁମ୍ବାଇ,୧୪।୪(ଏଜେନ୍ସି):** ରିଲାଏନ୍ସ ରିଟେଲ୍‌ର ଟିରା ବିୟୁଟି ଏହାର ନୂଆ ବ୍ରାଣ୍ଡ 'ଟିରା ଟୁଲ୍ସ'ର ବଜାର ପ୍ରବେଶ ଘୋଷଣା କରିଛି । ଆଧୁନିକ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ବ୍ରାଣ୍ଡରେ ସୌନ୍ଦର୍ଯ୍ୟ ସାମଗ୍ରୀ ଓ ଉପକରଣର ଏକ ସ୍ୱତନ୍ତ୍ର ସମ୍ଭାର ରହିଛି । ଟିରା ଟୁଲ୍ସ ମଧ୍ୟରେ ବିଭିନ୍ନ ପ୍ରକାରର ଆନୁଷଙ୍ଗିକ ସାମଗ୍ରୀ ଯଥା ପ୍ରୋ ମେକଅପ୍ ବ୍ରସ୍, ଫେସିଆଲ୍ ରୋଲର୍ସ ଏବଂ ବିୟୁଟି ସ୍ପଞ୍ଜ ଇତ୍ୟାଦି ଅନ୍ତର୍ଭୁକ୍ତ ରହିଛି। ବ୍ରାଣ୍ଡର ଉତ୍କୃଷ୍ଟତା ନେଇ ପ୍ରତିବଦ୍ଧତା ସହିତ ଗୁଣବତ୍ତା ଉପରେ ବିଶେଷ ଧ୍ୟାନ ରହିଛି। ଟିରା ଟୁଲ୍ସ ଉପକରଣ ସମ୍ଭାରର ମୁଖ୍ୟ ଆକର୍ଷଣ ହେଉଛି 'ପ୍ରୋ ଆର୍ଟିଷ୍ଟ କିଟ୍', ଯାହା ବୃତ୍ତିଗତ ମେକଅପ୍ କଳାକାର ଏବଂ ସୌନ୍ଦର୍ଯ୍ୟ ଉତ୍ସାହୀଙ୍କ ଚାହିଦା ପୂରଣ ପାଇଁ ଡିଜାଇନ୍ ହୋଇଛି । ଅତିରିକ୍ତ ଭାବରେ, ବିୟୁଟି ସ୍ପଞ୍ଜରେ ଅଭିନବ ଡିଜାଇନ୍ ବୈଶିଷ୍ଟ୍ୟ ଥିବାବେଳେ ଫେସିଆଲ୍ ରୋଲର୍ସ ଏବଂ ଗୁଆ ସା ଟୁଲସ ଗୁଡ଼ିକରେ ପ୍ରିମିୟମ୍ ଗୁଣାତ୍ମକ ସାମଗ୍ରୀ ରହିଛି । ଟିରା ଟୁଲ୍ସ ନୈତିକ ମାନଦଣ୍ଡକୁ ପ୍ରାଥମିକତା ଦେଇଛି ଏବଂ ଏହାର ସମସ୍ତ ଉତ୍ପାଦ ବିଶେଷଜ୍ଞଙ୍କ ଦ୍ୱାରା ଯାଞ୍ଚ କରାଯାଇଥାଏ। ଉଭୟ ଅନଲାଇନ୍ ଏବଂ ଅଫଲାଇନ୍ ମାଧ୍ୟମରେ ଟିରା ଟୁଲ୍ସ ଉପଲବ୍ଧ ହେଉଛି ।

# ଓଡ଼ିଶାରେ ଜିଓ ନେଟ୍‌ୱର୍କରେ ୧.୫ କୋଟିରୁ ଅଧିକ ଉପଭୋକ୍ତା : ଟ୍ରାଇ

**ମୁମ୍ବାଇ,୧୪।୪(ଏଜେନ୍ସି)**




ଓଡ଼ିଶାରେ ଡିଜିଟାଲ୍ ସେବା କ୍ଷେତ୍ରରେ ଅଗ୍ରଣୀ ରହିଥିବା ରିଲାଏନ୍ସ ଜିଓ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି। ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ, ଓଡ଼ିଶାରେ ଜିଓର ମୋବାଇଲ୍ ଗ୍ରାହକ ସଂଖ୍ୟା ଫେବୃୟାରୀ ଶେଷ ସୁଦ୍ଧା ୧.୫ କୋଟି ଅତିକ୍ରମ କରିଛି । ଫେବୃୟାରୀ ମାସରେ ଓଡ଼ିଶାରେ ଜିଓ ସର୍ବାଧିକ ୮୭,୦୦୦ରୁ ଅଧିକ ନୂଆ ମୋବାଇଲ୍ ଉପଭୋକ୍ତା ଯୋଡ଼ିବା ସହ ଓଡ଼ିଶାରେ ଜିଓ ନେଟୱାର୍କରେ ମୋଟ ମୋବାଇଲ୍ ଉପଭୋକ୍ତା ସଂଖ୍ୟା ଦେଢ଼ କୋଟିରୁ ଅଧିକ ହୋଇଛି । ଫେବୃୟାରୀ ଶେଷ ସୁଦ୍ଧା ଓଡ଼ିଶାରେ ଏୟାରଟେଲର ୧.୧୫ କୋଟି ମୋବାଇଲ ଉପଭୋକ୍ତା ରହିଥିବା ବେଳେ ବିଏସଏନଏଲର ୫୪.୪୭ ଲକ୍ଷ ଏବଂ ଭି (ଭୋଡାଫୋନ୍ ଆଇଡିଆ) ର ୧୪.୫୩ ଲକ୍ଷ ମୋବାଇଲ ଉପଭୋକ୍ତା ରହିଥିବା ଟ୍ରାଇ ପକ୍ଷରୁ ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟରୁ ଜଣାପଡିଛି। ଜାତୀୟ ସ୍ତରରେ ମଧ୍ୟ ଫେବୃୟାରୀ ମାସରେ ଜିଓ ସର୍ବାଧିକ ୩୬ ଲକ୍ଷ ଉପଭୋକ୍ତା ଯୋଡ଼ିଛି । ଏଥି ସହିତ ଦେଶରେ ଜିଓ ନେଟୱାର୍କରେ ମୋଟ ମୋବାଇଲ୍ ଉପଭୋକ୍ତାଙ୍କ ସଂଖ୍ୟା ୪୬.୭୫ କୋଟିରୁ ଅଧିକ ହେବା ସହ ଜିଓ ଭାରତରେ ୪୦ ପ୍ରତିଶତରୁ ଅଧିକ ମୋବାଇଲ୍ ଉପଭୋକ୍ତା ବଜାର ଅଂଶ ହାସଲ କରିଛି ।ସୂଚନାଯୋଗ୍ୟ ଯେ, ରିଲାଏନ୍ସ ଜିଓ ଓଡ଼ିଶାର ପ୍ରାୟ ୪୫% ଉପଭୋକ୍ତା ବଜାର ଅଂଶ ଏବଂ ୫୨% ରାଜସ୍ୱ ବଜାର ଅଂଶ ସହିତ ରାଜ୍ୟର ଏକ ନମ୍ବର ଏବଂ ସର୍ବାଧିକ ପସନ୍ଦଯୋଗ୍ୟ ଡିଜିଟାଲ ସେବା ପ୍ରଦାନକାରୀ ହୋଇ ରହିଛି । ସାରା ରାଜ୍ୟରେ ଏହାର ସର୍ବବୃହତ ୪ଜି ଓ ୫ଜି ନେଟୱାର୍କ ଉପସ୍ଥିତି, ଦୁର୍ଗମ ଅଞ୍ଚଳରେ ଦ୍ରୁତ ସେବା ସମ୍ପ୍ରସାରଣ ଏବଂ ମାତ୍ର ୯୯୯ ଟଙ୍କାରେ ଉପଲବ୍ଧ ଅତ୍ୟାଧୁନିକ ସୁବିଧା ସମ୍ପନ୍ନ ଜିଓ ଭାରତ ୪ଜି ଫୋନ୍‌କୁ ନେଇ ଜିଓ ଉପଭୋକ୍ତାଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଛି। ଜିଓସିନେମା, ଜିଓଟିଭି, ଜିଓ ସାଭନ ଭଳି ପ୍ରିମିୟମ ଆପ୍ସ ଏବଂ ୟୁପିଆଇ ପେମେଂଟ ସୁବିଧା ଭଳି ଅନେକ ଆକର୍ଷଣୀୟ ଫିଚର ପାଇଁ ଜିଓ ଭାରତ ୪ଜି ଫୋନ୍ ରାଜ୍ୟର ଗ୍ରାମାଞ୍ଚଳ ତଥା ସୁଲଭ ମୂଲ୍ୟରେ ୪ଜି ଫୋନ ଅନ୍ୱେଷଣ କରୁଥିବା ଲୋକଙ୍କ ମଧ୍ୟରେ ବେଶ ଆଦୃତି ଲାଭ କରିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଜିଓ ନିକଟରେ ଏହାର ଜିଓ ଏୟାରଫାଇବର ସେବାକୁ ଓଡ଼ିଶାର ୨୫୦ରୁ ଅଧିକ ସହର ଏବଂ ନିକଟବର୍ତ୍ତୀ ଗ୍ରାମଗୁଡ଼ିକୁ ସମ୍ପ୍ରସାରିତ କରିଛି । ସମସ୍ୟା ଦୂର କରିବା ସହ ଜିଓ ଏୟାରଫାଇବର ପ୍ରତ୍ୟେକ ଘର ଓ କ୍ଷୁଦ୍ର ବ୍ୟବସାୟିକ ପ୍ରତିଷ୍ଠାନକୁ ବ୍ରଡବ୍ୟାଣ୍ଡ ସୁବିଧା ଯୋଗାଇ ଦେଉଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

### ଇସ୍ରାଏଲ-ଇରାନ ବିବାଦ

# ତେଲ୍ ଆଭିଭ୍‌କୁ ଏୟାର ଇଣ୍ଡିଆ ବିମାନ ବାତିଲ




**ନୂଆଦିଲ୍ଲୀ,୧୪।୪(ଏଜେନ୍ସି):** ଇରାନ ଏବଂ ଇସ୍ରାଏଲ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଏବେ ଯୁଦ୍ଧ ରୂପ ନେଇଛି। ଗତକାଲି ମଧ୍ୟରାତ୍ରିରେ ଇରାନ ଇସ୍ରାଏଲ ଉପରେ ଆକ୍ରମଣ ଆରମ୍ଭ କରିଦେଇଥିବାରୁ ସ୍ଥିତି ଆହୁରି ଜଟିଳ ଆକାର ଧାରଣ କରିଛି। ଇସ୍ରାଏଲ ଆକାଶରେ ଇରାନର ଘନ ଘନ କ୍ଷେପଣାସ୍ତ୍ର ମାଡ଼କୁ ନେଇ ଇସ୍ରାଏଲ ମଧ୍ୟ ଦୃଢ଼ ଜବାବ ଦେବାକୁ ପ୍ରସ୍ତୁତ ହେଉଛି। ଏଭଳି ସ୍ଥଳେ ଏୟାର ଇଣ୍ଡିଆ କର୍ତ୍ତୃପକ୍ଷ ଇସ୍ରାଏଲ ରାଜଧାନୀ ତେଲ ଆଭିଭ୍‌କୁ ସିଧାସଳଖ ବିମାନ ସେବା ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏୟାର ଇଣ୍ଡିଆ ପକ୍ଷରୁ ଦିଲ୍ଲୀରୁ ତେଲ ଆଭିଭକୁ ସପ୍ତାହରେ ୪ଥର ବିମାନ ଯାତାୟତ କରିଥାଏ। କିନ୍ତୁ ସ୍ଥିତି ନ ସୁଧୁରିବା ଯାଏ ଏଠାକୁ ବିମାନ ସେବା ବନ୍ଦ ରଖାଯିବା ବୋଲି କର୍ତ୍ତୃପକ୍ଷ କହିଛନ୍ତି।

